
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୭ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 07 NOVEMBER 2023
Vol.No. 34 ■ No. 292■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇସ୍ରାଏଲ ଆକ୍ରମଣରେ ଗାଜା ଷ୍ଟ୍ରିପ୍ ଦୁଇ ଭାଗ

### ଜିତିବା ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ: ଇସ୍ରାଏଲ୍



ତେଲ୍ ଅଭିଭ୍,୬/୧୧ : ବିମାନ ଆକ୍ରମଣ ଜୋରଦାର କରି ଗାଜା ସିଟିକୁ ୨ ଖଣ୍ଡ କରି ଦେଇଛି ବୋଲି ରବିବାର ଦିନ ଇସ୍ରାଏଲ୍ କହିଛି । ଇସ୍ରାଏଲ୍ ସେନାବାହିନୀର ମୁଖପାତ୍ର ଡେନିଏଲ୍ ହେଗାରି କହିଛନ୍ତି, ଇସ୍ରାଏଲ୍‌ର ସୈନିକମାନେ ଗାଜା ସିଟିକୁ ଘେରି ଯାଇଛନ୍ତି । ଏବେ ଗାଜା ଷ୍ଟ୍ରିପ୍ ଦକ୍ଷିଣ ଗାଜା ଓ ଉତ୍ତର ଗାଜାରେ ପରିଣତ ହୋଇଯାଇଛି । ଗାଜାରେ ମୃତ୍ୟୁସଂଖ୍ୟା ବୃଦ୍ଧି ଯୋଗୁଁ ବିଶ୍ୱବ୍ୟାପୀ ଉଦ୍‌ବେଗ ଦେଖା ଦେଇଥିଲେ ବି ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପୁଣି ଥରେ ପ୍ରତିଜ୍ଞା କରି କହିଛନ୍ତି ପଣବନ୍ଦୀମାନେ ନ ଫେରିବା ଯାଏଁ ଯୁଦ୍ଧ ବିରତି ଘୋଷଣା କରାଯିବ ନାହିଁ। ଜିଣିବା ଯାଏଁ ଯୁଦ୍ଧ କରିବୁ। ଆମ ନିକଟରେ କୌଣସି ବିକଳ୍ପ ନାହିଁ। ଇସ୍ରାଏଲୀୟ ସେନା ରିଲିଜ୍ କରିଥିବା 'ଫୁଟେଜ୍'ରେ ଦେଖାଯାଉଛି ରବିବାର ଦିନ ଗାଜାରେ ସୈନିକମାନେ ଦ୍ୱାର ଦ୍ୱାର ବୁଲି ଲଢ଼େଇ କରୁଛନ୍ତି। କମାଣ ଓ ବୁଲ୍‌ଡୋଜର ବାଲି ଘାଣ୍ଟି ପକାଉଛି। ଆବାସିକ ଆପାର୍ଟମେଣ୍ଟ୍ ସବୁ ଭାଙ୍ଗିରୁଜି ଭଗ୍ନସ୍ତୂପ ପାଲଟି ଯାଇଥିବା ଏକ ଅଞ୍ଚଳରେ ଆଲ୍ଲା ଆବୁ ହସେରା ନାମରେ ଜଣେ ଗାଜାବାସୀ କହିଛନ୍ତି, ଏ ଆକ୍ରମଣ ଭୂମିକମ୍ପ ଭଳି ମନେହେଉଛି। ଇସ୍ରାଏଲ୍ ଗଣମାଧ୍ୟମ କହିଛି ଯେ, ସନ୍ଧ୍ୟା ପରେ ଉତ୍ତର ଗାଜାରେ ପ୍ରଚଣ୍ଡ ବିସ୍ଫୋରଣ ଶୁଭୁଥିବା ବେଳେ ୪୮ ଘଣ୍ଟା ମଧ୍ୟରେ ଇସ୍ରାଏଲୀୟ ସୈନିକମାନେ ଗାଜା ସିଟିରେ ପ୍ରବେଶ କରିବେ। ରବିବାର ଦିନ 'ଏକ୍ସ' କରି ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି, ଆମ ସହିତ ବିବାଦ କାରଣରୁ ନୁହେଁ, ଆମକୁ ମାରିପକାଇବା ଉଦ୍ଦେଶ୍ୟରେ ହମାସ୍ ଯୁଦ୍ଧ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଆଜି ଯୁଦ୍ଧ ୩୦ତମ ଦିବସରେ ପ୍ରବେଶ କରିବା ଅବସରରେ 'ଇସ୍ରାଏଲ୍ ଡିଫେନ୍ସ୍ ଫୋର୍ସ' ଏକ ଭିଡିଓ ବିବୃତି ଜାରି କରି ପଣବନ୍ଦୀଙ୍କୁ ମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛି। ଇସ୍ରାଏଲ୍ ସେନାର ମୁଖପାତ୍ର କହିଛନ୍ତି, ଆମେ ହମାସ୍‌କୁ ପରାସ୍ତ କରି ପଣବନ୍ଦୀଙ୍କୁ ମୁକ୍ତ କରିବୁ।

## ଏଏସଆଇକୁ ବିସ୍ତୃତ ରିପୋର୍ଟ ମାଗିଲେ ହାଇକୋର୍ଟ



ଭୁବନେଶ୍ୱର, ୬/୧୧ (ନି.ପ୍ର): ଶ୍ରୀମନ୍ଦିର ଜଗମୋହନ ଓ ନାଟମଣ୍ଡପ ମରାମତି ପ୍ରସଙ୍ଗରେ ବିସ୍ତୃତ ରିପୋର୍ଟ ମାଗିଲେ ଓଡିଶା ହାଇକୋର୍ଟ। ୨୦୧୭ ମସିହାରୁ ଆଜି ପର୍ଯ୍ୟନ୍ତ ଜଗମୋହନ ଓ ନାଟମଣ୍ଡପ ମରାମତି ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ? ସେ ସମ୍ପର୍କରେ ଜଣାଇବା ପାଇଁ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୨୦୧୬ ମସିହାରୁ ଜଗମୋହନର ମରାମତି ପାଇଁ ମାମଲା ଦାୟର ହୋଇଥିଲା। ପରବର୍ତ୍ତୀ ସମୟରେ ନାଟମଣ୍ଡପ ଏବଂ ଶେଷରେ ରତ୍ନଭଣ୍ଡାର ମରାମତି ପ୍ରସଙ୍ଗ ଏଥିରେ ଯୋଡ଼ାଯାଇଛି। ଜଗମୋହନ ଓ ନାଟମଣ୍ଡପର ମରାମତି କାମ ନିୟମିତ କରାଯାଉଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଆଇଆଇଟି ଚେନ୍ନାଇରୁ ଡିଜାଇନ୍ ମଗାଯାଇଛି, ଡିଜାଇନ ମିଳିବା ପରେ ମରାମତି କାମ ସମ୍ପୂର୍ଣ୍ଣ ହେବ ବୋଲି ଏଏସ୍ଆଇ ପକ୍ଷରୁ କୁହାଯାଇଥିଲା। ତେବେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଏନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ବିସ୍ତୃତ ଭାବେ ମରାମତି ପ୍ରସଙ୍ଗରେ ରିପୋର୍ଟ ତଲବ କରିଥିଲେ। ବର୍ତ୍ତମାନର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବି.ଆର. ଷଡ଼ଙ୍ଗୀ ତତ୍କାଳୀନ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠରେ ସହଯୋଗୀ ବିଚାରପତି ଭାବେ ମାମଲାର ଶୁଣାଣି କରିଥିଲେ। ଏହା ମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଏବେ ସୁଦ୍ଧା ମରାମତି କାମ କାହିଁକି ଶେଷ ହୋଇପାରୁ ନାହିଁ, ସେ ନେଇ ଜାଣିବାକୁ ଚାହିଁଥିଲେ। ତେଣୁ ୨୦୧୭ ମସିହାରୁ ମରାମତି ପ୍ରସଙ୍ଗରେ କ'ଣ ପଦକ୍ଷେପ ନିଆଯାଇଛି ଏବଂ ଆଉ କ'ଣ କାମ ବାକି ରହିଛି, ସେ ନେଇ ବିସ୍ତୃତ ରିପୋର୍ଟ ଦେବାକୁ ଖଣ୍ଡପୀଠ କହିଛନ୍ତି। ଅନ୍ୟପଟେ ରତ୍ନଭଣ୍ଡାର ଓ କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ଏବଂ ସଂରକ୍ଷଣ ପ୍ରସଙ୍ଗରେ ଆସନ୍ତା ତାରିଖରେ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଆସନ୍ତା ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି।

## ବିଷ ବଳୟରେ ରାଜଧାନୀ: ଏକାଦଶ ପର୍ଯ୍ୟନ୍ତ ସ୍କୁଲ ବନ୍ଦ

ନୂଆଦିଲ୍ଲୀ,୬/୧୧ : ଦିଲ୍ଲୀରେ ବାୟୁ ପ୍ରଦୂଷଣ ଏବେ ସରକାରଙ୍କ ଚିନ୍ତା ବଢାଇଦେଇଛି । ଧିରେ ଧିରେ ଶୀତ ବଢୁଥିବା ବେଳେ ଦିଲ୍ଲୀ ବାୟୁର ମାନ ଅଧିକ ଖରାପ ହେବାରେ ଲାଗିଛି । ଆଗକୁ ଦିପାବଳୀ ଆସୁଥିବାରୁ ବାୟୁ ପ୍ରଦୂଷଣ ମାତ୍ରା ଆହୁର ବଢିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜଧାନୀରେ ଗାଡି ଚାଳକଙ୍କ ପାଇଁ ପୁଣି ଯୁଗ୍ମ ଅଯୁଗ୍ମ ନିୟମ ଲାଗୁ କରିବାକୁ ନିଷ୍ପତି ନେଇଛନ୍ତି ଦିଲ୍ଲୀ ସରକାର । ଦୀପାବଳି ପର ଦିନ ଅର୍ଥାତ୍ ନଭେମ୍ବର ୧୩ ତାରିଖରୁ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଯୁଗ୍ମ ଅଯୁଗ୍ମ ନିୟମ ଲାଗୁ କରାଯିବ ବୋଲି ନିଷ୍ପତି ହୋଇଛି। ଯୁଗ୍ମ ନମ୍ବର ଲାଇସେନ୍ସଧାରି ଗାଡି ଯୁଗ୍ମ ତାରିଖରେ ଏବଂ ଅଯୁଗ୍ମ ନମ୍ବର ଲାଇସେନ୍ସଧାରି ଗାଡି ଅଯୁଗ୍ମ ତାରିଖରେ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବଢୁଥିବା ପ୍ରଦୂଷଣକୁ ନେଇ ସୋମବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତି ନିଆଯାଇଛି । ସେପଟେ ପ୍ରଦୂଷଣକୁ ନେଇ ଦିଲ୍ଲୀ ସରକାରଙ୍କୁ ଦାୟୀ କରିଛି ବିଜେପି । ପ୍ରଦୂଷଣ ବଢୁଥିବାରୁ ଦିଲ୍ଲୀରେ ପଂଚମ ଶ୍ରେଣୀ ଯାଏ କ୍ଲାସ ବନ୍ଦ କରିବାକୁ ସରକାର ନିଷ୍ପତି ନେଇଥିଲେ । ସୋମବାର ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ ବନ୍ଦ କରିବାକୁ କେଜରିୱାଲ ସରକାର ନିଷ୍ପତି ନେଇଛନ୍ତି । ଆସନ୍ତା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଦଶମ, ଦ୍ୱାଦଶ ଶ୍ରେଣୀକୁ ବାଦ୍ ଦେଲେ ଅନ୍ୟ ସମସ୍ତ କ୍ଲାସ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ପ୍ରଦୂଷଣ ରୋକିବାକୁ ଦିଲ୍ଲୀ ଭିତରେ ବିଏସ-୩ ପେଟ୍ରୋଲ ଏବଂ ବିଏସ-୪ ଡିଜେଲ ଗାଡି ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଯାଇଛି । ସହରରେ ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ପାଣି ଛିଂଚି ପ୍ରଦୂଷଣ କମାଇବାକୁ ପ୍ରୟାସ ଜାରି ରହିଛି । ଦିଲ୍ଲୀର ବିଭିନ୍ନ ସ୍ଥାନରେ ଏୟାର କ୍ୱାଲିଟି ଇଡେକ୍ସ ୪୫୦ ପାର କରିଛି । ▶▶ପୃଷ୍ଠା ୭

## ସଂସ୍କୃତି ଓ ଆଧୁନିକତାର ସମନ୍ୱୟ ହିଁ ବିକାଶର ଆଦର୍ଶ ମାର୍ଗ: ମୁଖ୍ୟମନ୍ତ୍ରୀ

### ୧୧ତମ ଦିନରେ କନ୍ଧମାଳ, ଅନୁଗୁଳ ଓ ଗଜପତି ଜିଲ୍ଲାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଶୁଭାରମ୍ଭ

ଭୁବନେଶ୍ୱର, ୬/୧୧ (ନି.ପ୍ର): ରାଜ୍ୟ ସରକାରଙ୍କର ଗ୍ରାମାଭିମୁଖୀ ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ଅଭିଯାନ। ଏହି କାର୍ଯ୍ୟକ୍ରମର ଫୋକସ୍ ? ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ। ଆଜି ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ୧୧ତମ ଦିନରେ କନ୍ଧମାଳ, ଅନୁଗୋଳ ଓ ଗଜପତି ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା। କନ୍ଧମାଳ ଜିଲ୍ଲାର ୩ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୮୫.୫୦ କୋଟି ଟଙ୍କା। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା– ବାଲିଗୁଡା, ଜି. ଉଦୟଗିରି ଓ ଫୁଲବାଣୀ। ଏହିସବୁ ନିର୍ବାଚନ ମଣ୍ଡଳୀର ୧୨ଟି ବ୍ଲକ୍‌ର ୧୭୧ ଟି ଗ୍ରାମ ପଞ୍ଚାୟତରେ ୨୦୯୯ଟି ପ୍ରକଳ୍ପ ହେବ। ସେହିପରି ଅନୁଗୋଳ ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୧୨.୫୦ କୋଟି ଟଙ୍କା ମଂଜୁର ହୋଇଛି। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା– ତାଳଚେର, ପାଲଲହଡା, ଛେଣ୍ଡିପଦା, ଆଠମଲ୍ଲିକ ଓ ଅନୁଗୋଳ। ଏଥିରେ ୮ଟି ବ୍ଲକ୍‌ର ୨୨୫ଟି ଗ୍ରାମପଞ୍ଚାୟତରେ ୨୭୯୬ଟି ପ୍ରକଳ୍ପ କରାଯିବ। ସେହିପରି ଗଜପତି ଜିଲ୍ଲାର ୨ଟି ନିର୍ବାଚନ ମଣ୍ଡଳୀକୁ ମିଳିଛି ୭୪.୫୦ କୋଟି ଟଙ୍କା। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା– ମୋହନା ଓ ପାରଳାଖେମୁଣ୍ଡି। ଏହିସବୁ ନିର୍ବାଚନମଣ୍ଡଳୀର ୭ଟି ବ୍ଲକ୍‌ର ୧୪୯ଟି ଗ୍ରାମ ପଞ୍ଚାୟତରେ ୧୬୬୨ଟି ପ୍ରକଳ୍ପ ହେବ। ଆଜିର କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଜିଲ୍ଲାର ୩ଟି, ଅନୁଗୋଳ ଜିଲ୍ଲାର ୫ଟି ଓ ଗଜପତି ଜିଲ୍ଲାର ୨ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ପାଇଁ ଲୋକଙ୍କ ଭିତରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ଜରିଆରେ ▶▶ପୃଷ୍ଠା ୭



## ପୁଅର ଜଘନ୍ୟ କାଣ୍ଡ: ପିଟି ପିଟି ନେଲା ବାପାର ଜୀବନ

ଭୁବନେଶ୍ୱର, ୬/୧୧ (ନି.ପ୍ର): ବାପପୁଅଙ୍କ ମଧ୍ୟରେ ହୋଇଥିବା ବଚସା କ୍ରମଶଃ ନେଲା ଉଗ୍ର ରୂପ । ଉତ୍ତ୍ୟକ୍ତ ପୁଅର ଠେଙ୍ଗା ମାଡ଼ରେ ଚାଲିଗଲା ବାପାର ଜୀବନ। ଏପରି ଏକ ଅଭାବନୀୟ ଘଟଣା ସୁନ୍ଦରଗଡ ଜିଲ୍ଲା ମହୁଲପଦା ଥାନାର ଫୁଲଝର ଗ୍ରାମରେ ଘଟିଛି। ମୃତକ ହେଲେ ପଦୁ ମୁଣ୍ଡା । ପଦୁଙ୍କୁ ହତ୍ୟା କରି ତାଙ୍କ ପୁଅ ଚକ୍ର ମୁଣ୍ଡା ଫେରାର ହୋଇ ଯାଇଛନ୍ତି। ଚକ୍ର ମୁଣ୍ଡା ବସ୍ କଣ୍ଡକ୍ଟର ଭାବେ କାମ କରନ୍ତି। ଗତ କାଲି ରାତ୍ରିରେ ସେ ନିଜ କାମ ସାରି ଘରକୁ ଫେରିଥିଲେ। ▶▶ପୃଷ୍ଠା ୭

## ଖସିବ ପାରଦ: ଦିନକ ପରେ ବଢ଼ିବ ଶୀତ

ଭୁବନେଶ୍ୱର, ୬/୧୧ (ନି.ପ୍ର): ରାଜ୍ୟରେ ଶୀତ ଆରମ୍ଭ ହୋଇଗଲାଣି। ଦିନକ ପରେ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ପାଣିପାଗର କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୨୪ ଘଣ୍ଟାରେ ରାଜ୍ୟରେ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ରାଜ୍ୟର ଅନେକ ସ୍ଥାନରେ ରାତ୍ରି ତାପମାତ୍ରାରେ ୩ ରୁ ୪ ଡ଼ିଗ୍ରୀ ହ୍ରାସ ଘଟିବାରେ ସମ୍ଭାବନା ରହିଛି। ଦୁଇଦିନ ହେବ ରାଜ୍ୟରେ କୋହଲା ପାଗ ଲାଗି ରହିଛି। ଶନିବାର ରାଜ୍ୟରେ ବର୍ଷା ସହ ପବନ ହୋଇଥିଲା। ପାହାନ୍ତିଆ ଓ ସନ୍ଧ୍ୟା ସମୟରେ ଶୀତ ଅନୁଭୂତ ହେଉଛି। ଏହା ସହ କିଛି ସ୍ଥାନରେ କୁହୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଦାରିଙ୍ଗିବାଡ଼ିରେ ଅଧିକ ଶୀତ ଅନୁଭୂତ ହେଉଛି।

## ଆଜି ଛତିଶଗଡ଼-ମିଜୋରାମରେ ବିଧାନସଭା ନିର୍ବାଚନ



ଛତିଶଗଡ଼, ୬/୧୧ (ନି.ପ୍ର): ମଙ୍ଗଳବାର ଛତିଶଗଡ଼ ଏବଂ ମିଜୋରାମରେ ବିଧାନସଭା ନିର୍ବାଚନ ହେବ । ଛତିଶଗଡରେ ପ୍ରଥମ ପର୍ଯ୍ୟାୟରେ ୨୦ ଟି ଆସନ ପାଇଁ ନିର୍ବାଚନ ହେବ । ମୋଟ ୨୩୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ । ଯେଉଁଥିରେ ୧୯୮ ପୁରୁଷ ଏବଂ ୨୫ ମହିଳା ପ୍ରାର୍ଥୀ ଅଛନ୍ତି । ଛତିଶଗଡ଼ର ମୋଟ ୪୦ ଲକ୍ଷ ୭୮ ହଜାର ୬୮୧ ଭୋଟର ପ୍ରଥମ ପର୍ଯ୍ୟାୟରେ ମତ ସାବ୍ୟସ୍ତ କରିବେ । ସେହିପରି ମିଜୋରାମରେ ମୋଟ ୪୦ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ପୁଲିଂ ଟିମ ପୁଲିଂ ଷ୍ଟେସନରେ ପହଂଚିସାରିଛନ୍ତି । ମିଜୋରାମ ବୋର୍ଡର ଲାଗଥିବା ମିଆଁମାର ଏବଂ ବାଙ୍ଗଲାଦେଶ ସୀମାକୁ ପୁରା ସିଲ କରାଯାଇଛି । ଛତିଶଗଡ ମାଓବାଦୀ ଅଂଚଳରେ ହେଲିକ୍ୟାପ୍ଟର ଯୋଗେ ପୁଲିଂ ଏଜେଂଟମାନଙ୍କୁ ପଠାଯାଇଛି । ଛତିଶଗଡ଼ରେ ଉଭୟ କଂଗ୍ରେସ ଏବଂ ବିଜେପି ସରକାର ଗଢିବେ ବୋଲି ଦାବି କରୁଛନ୍ତି । ସେପେଟ ନିର୍ବାଚନ ପୂର୍ବରୁ ମହାଦେବ ବେଟିଂ ଆପକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କୁ ଘେରିଛି ବିଜେପି ।

## ବରେନ୍ଦ୍ର ଦାସଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ—

## ଝରଣା ଦାସଙ୍କ ଦୁଇଟି କବିତା ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର, ୬/୧୧ (ନି.ପ୍ର): ଆଜି ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ କବି ଝରଣା ଦାସଙ୍କ ଦୁଇଟି କବିତା ପୁସ୍ତକ ତାଙ୍କ ଅଙ୍ଗାରଗଡ଼ିଆସ୍ଥିତ ବାସଭବନରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଆଇନଜୀବୀ ବରେନ୍ଦ୍ର ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆୟୋଜିତ ଏହି ଉନ୍ମୋଚନ ସଭାରେ ଡ. ହରିଶ୍ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବାବେଳେ ବରେଣ୍ୟ ଅତିଥିଭାବେ ବରିଷ୍ଠ ସମାଲୋଚକ କବି ଡ. ରମାକାନ୍ତ ବେହେରା, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, କବି ଶ୍ରୀଦେବ, କବି ସୈରିନ୍ଧ୍ରୀ ସାହୁ ଓ ଫକୀରମୋହନ ସାହିତ୍ୟ ପରିଷଦର ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଓ ହରିଶ୍ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବରେନ୍ଦ୍ର ଦାସଙ୍କ ସ୍ମୃତିଚାରଣ କରିଥିବାବେଳେ କବି ଝରଣାଙ୍କ କବିତା ପୁସ୍ତକର ଆଲୋଚନା କରିଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ତାଙ୍କ ସ୍ମୃତିରେ ଲେଖିଥିବା ପୁସ୍ତକ 'ତୁମେ ଗଲାପରେ-୨' ର ଆଲୋଚନା କରି କବିଙ୍କ ଭାବ, ଭାଷା ଓ କବିତାର ଶୈଳୀକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ତାଙ୍କର ଅନ୍ୟତମ କବିତା ପୁସ୍ତକ 'ଭକ୍ତି କୁସୁମାଞ୍ଜଳି'ରୁ ଗୋଟିଏ ଗୀତି କବିତାକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ। ଏହି ସଭାରେ ଚିରଞ୍ଜିବୀ ଦାସ ମଂଚ ଆହ୍ୱାନ କରିଥିବାବେଳେ କବି ଝରଣା ଦାସ ପ୍ରଥମ କଥା ରଖିଥିଲେ।

## ଭୁବନେଶ୍ୱରରୁ ଜୟପୁରକୁ ଉଡ଼ିଲା ଦ୍ୱିତୀୟ ବିମାନ

ଭୁବନେଶ୍ୱର, ୬/୧୧ (ନି.ପ୍ର): ଭୁବନେଶ୍ୱରରୁ କୋରାପୁଟ ଜିଲ୍ଲା ଜୟପୁରକୁ ଉଡ଼ିଲା ଦ୍ୱିତୀୟ ବିମାନ। ଭୁବନେଶ୍ୱରରୁ ସକାଳ ୭ଟା ୧୫ରେ ଛାଡ଼ିବା ପରେ ଜୟପୁରରେ ୮ଟା ୪୦ ମିନିଟରେ ପହଞ୍ଚିଛି ବିମାନ। ଏହାପରେ ୯ଟାରେ ଜୟପୁରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛି ବିମାନ। ସପ୍ତାହକୁ ଦୁଇ ଦିନ ସୋମବାର ଓ ଶୁକ୍ରବାର ଇଣ୍ଡିଆ ୱାନ୍ ପକ୍ଷରୁ ବିମାନ ଚଳାଚଳ କରିବ। ଏହି ବିମାନ ସେବା ଦ୍ୱାରା କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ଆଶା କରାଯାଉଛି। ଆଜି ପ୍ରଥମ ଫ୍ଲାଇଟରେ ଭୁବନେଶ୍ୱରରୁ ୬ ଜଣ ଯାତ୍ରୀ ଜୟପୁର ଗସ୍ତ କରିଛନ୍ତି। ସେହିପରି ଜୟପୁରରୁ ୮ ଜଣ ଯାତ୍ରୀ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ବଡ଼ ବିମାନ ଅବତରଣ ପାଇଁ ୨୫୦ କୋଟି ଟଙ୍କା ▶▶ପୃଷ୍ଠା ୭

# ଭିତ୍ତିଭୂମି ନଥାଇ ଟାଉନହଲରେ ଚାଲିଛି ଚଳଚ୍ଚିତ୍ର ବେପାର

ପୁରୀ, ୦୬/୧୧ (ନି.ପ୍ର): ପୁରୀ ହେବ ବିଶ୍ୱସ୍ତରୀୟ ଐତିହ୍ୟ ନଗର । ଶ୍ରୀସେତୁରେ ଗାଡ଼ି ଯାଇ ଜଗନ୍ନାଥ ବଲ୍ଲଭରେ ପାର୍କିଂ ହେବ । କାର୍ ପାର୍କିଂ ପାଇଁ ୩ଟି ବହୁତଳ ପାର୍କିଂ ବ୍ୟବସ୍ଥା କରାଯିବ । ପୁରୀକୁ ବିଶ୍ୱର କୋଣ ଅନୁକୋଣରୁ ଆସୁଥିବା ପର୍ଯ୍ୟଟକମାନେ ଚଳଚ୍ଚିତ୍ର ଦେଖିବା ପାଇଁ ଓ ସେମାନଙ୍କ ଚଳଚ୍ଚିତ୍ରକୁ ପୁରୀରେ ପ୍ରଦର୍ଶନ କରିବା ପାଇଁ ଫିଲ୍ମ ହଲ୍ ନାହିଁ । ପୁରୀରେ ଥିବା ୩ଟି ସିନେମା ହଲ୍ ତା'ର ସତା ହରାଇ ସାରିଛି । ପୁରୀ ଟାଉନହଲ ଏବେ ପାଲଟିଛି ନୂଆ ଫିଲ୍ମ ହଲର ଠିକଣା । ପୁରୀରେ ହଜାର ହଜାର କଳା ଓ ସଂସ୍କୃତି ନାଟକ, ଚଳଚ୍ଚିତ୍ର ପ୍ରେମୀ ରହିଛନ୍ତି । ସେମାନେ ଚଳଚ୍ଚିତ୍ର ଦେଖିବା ପାଇଁ ୬୦ କିଲୋମିଟର ଦୂର ଭୁବନେଶ୍ୱରକୁ ଯାଉଛନ୍ତି । ପୁରୀରେ ଫିଲ୍ମ ହଲ୍ କିମ୍ବା ରବିନ୍ଦ୍ର ମଣ୍ଡପ ପରି ସାଂସ୍କୃତିକ ହଲ୍ ଟିଏ ନାହିଁ । ଏହି ଅସୁବିଧାକୁ ଲକ୍ଷ୍ୟ କରି କେତେକ ଅନୁଷ୍ଠାନ ନୂଆ ଚଳଚ୍ଚିତ୍ର ରିଲିଜ୍ ହେବ କହି ବେଶ୍ ଲାଭବାନ ହେଉଥିବା ଲୋକମାନେ କହୁଛନ୍ତି । ଟାଉନ ହଲରେ ୫୫୦ ସିଟ୍ ଥିବାବେଳେ ୧୫୦୦ ପର୍ଯ୍ୟନ୍ତ ପାସ୍ ବଂଟନ କରାଯାଉଛି । ପାସ୍ ଓ ଟିକେଟର ମୂଲ୍ୟ ୧୦୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ତାହାକୁ କେତେକ ଯୁବକ ସକାଳୁ କିଣି ୨୫୦ରୁ ୫୦୦ଟଙ୍କା ପର୍ଯ୍ୟନ୍ତ କଳାବଜାରରେ ବିକ୍ରି କରୁଥିବା ଅଭିଯୋଗ ଶୁଣିବାକୁ ମିଳୁଛି । ଅନ୍ୟପକ୍ଷରେ ଟାଉନ ହଲରେ ଫିଲ୍ମ ଚାଲିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ନାହିଁ । ଅଗ୍ନି ନିରାପତା ବ୍ୟବସ୍ଥା ସଙ୍କଟାପନ୍ନ ସ୍ଥିତିରେ ରହିଛି । କୌଣସି ଅଘଟଣ ଘଟିଲେ ଚେୟାର ଗୁଡ଼ିକ ପାହାଚ ଭଳି ତଳ ଉପର ରହିଥିବାରୁ ହଠାତ୍ ଦୌଡ଼ି ପଳାଇବା ସମ୍ଭବପର ହେବ ନାହିଁ ଏହା ସହ ପୁରୁଷ ଓ ମହିଳା ପରିଶ୍ରାଗାର ପର୍ଯ୍ୟାପ୍ତ ପରିମାଣରେ ନଥିବାରୁ ଅନେକ ମହିଳା ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଫିଲ୍ମ ହଲ୍ ପରି ସାଉଣ୍ଡ ସିଷ୍ଟମ ଅତି ନିମ୍ନମାନର ରହିଛି । ଏକ ହଜାର ବାଇକ୍, ୨୦୦ କାର୍ ପାର୍କିଂ ପାଇଁ ବ୍ୟବସ୍ଥା ନାହିଁ । ଜଣେ ବ୍ୟକ୍ତି ଟାଉନହଲ୍ ବୁକିଂ ପାଇଁ ୨୫ ହଜାର ଟଙ୍କା ସହ ୧୦ ହଜାର ଟଙ୍କା ସିକ୍ୟୁରିଟ ମନି ଡ଼ିପୋଜିଟ କରୁଛି । ଫିଲ୍ମ ଚାଲିବା ପାଇଁ ୧୦ ହଜାର ଟଙ୍କାରେ କିପରି ଅନୁମତି ଦିଆଯାଉଛି ତାକୁ ନେଇ ପୌରସଂସ୍ଥା କର୍ମଚାରୀ ମହଲରେ ଗୁଜବ ସୃଷ୍ଟି ହୋଇଛି । ଟାଉନହଲ୍ ସମ୍ପର୍କରେ କେତେ ବୁକିଂ ହୋଇଛି କେତୋଟି ଫିଲ୍ମ ଚାଲିଛି ତାହାର ଭିଜିଲାନ୍ସ ଅଡ଼ିଟ ପାଇଁ ଦାବି ହେଉଛି । ଟାଉନହଲରେ ଚଳଚ୍ଚିତ୍ର ଚଲାଇବା ପାଇଁ ପୌରସଂସ୍ଥା ଅନୁମତି ନଦେବା ପାଇଁ ବିଭିନ୍ନ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## ୧୩ରୁ ଗିରିଗୋବର୍ଦ୍ଧନ ପୂଜା ମହୋତ୍ସବ

ବଲାଙ୍ଗୀର, ୦୬/୧୧ (ନି.ପ୍ର):ନଭେମ୍ବର ୧୩ ତାରିଖରୁ ୨୪ତମ ଗିରିଗୋବର୍ଦ୍ଧନ ପୂଜା ମୋହତ୍ସବ ୨୦୨୩ ଆଗଲପୁର ବ୍ଲକ ପଟୁଆପାଲି ପଂଚାୟତ ଅନ୍ତର୍ଗତ ଖୁଂଟୁଲିମୁଣ୍ଡା ସ୍ଥିତ ରମାଇ ପାହାଡ଼ ପଂଚମୁଖୀ ହନୁମାନ ମନ୍ଦିର ମଣ୍ଡପ ଠାରେ ଅନୁଷ୍ଠିତ ହେବ । ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଉତ୍ସବରେ ପଟୁଆପାଲି ପଂଚାୟତର ଖୁଂଟୁଲିମୁଣ୍ଡା, ପାଣ୍ଡ୍ରିଡୁଙ୍ଗୁରି, ଡୁମେରପାଲି, ପଟୁଆପାଲି ସମେତ ଅଂଚଳର ସମସ୍ତ ସଂକୀର୍ତନ୍ୟ ଦଳ ତଥା ଶ୍ରଦ୍ଧାଳୁ ଭକ୍ତ ବୃନ୍ଦଙ୍କୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆମନ୍ତ୍ରଣ କରିଛନ୍ତି ରମେଇଁ ପାହାଡ଼ ପଂଚମୁଖୀ ହନୁମାନ ମଠର ମହନ୍ତ ମହାତ୍ୟାଗୀ ଶ୍ରୀ ଶ୍ରୀ ସରଜୁ ଦାସ ମହାରାଜ ।

# ବାଣୀବିହାର ପରିସରରୁ ଗୋଟିଏ ଇଂଚ ଜାଗା ବିଡିଏକୁ ଦିଆଯିବ ନାହିଁ: ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ୨୦ ଏକରରୁ ଉର୍ଦ୍ଧ୍ୱ ଜାଗା ବିଡିଏକୁ ହସ୍ତାନ୍ତର କରିବା ନିଷ୍ପତି ଦୁର୍ଭାଗ୍ୟଜନକ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି । ଉତ୍କଳ ବିଶ୍ୱିଦ୍ୟାଳୟ ଓଡ଼ିଶାରେ ଶିକ୍ଷାର କୋଣାର୍କ । ଏହି ବିଶ୍ୱବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା । ଏଠାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ରାଜନୀତି, ପ୍ରଶାସନ, ସମାଜସେବା ଓ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି । ଏଣୁ ଉକ୍ତ ବିଶ୍ୱବିଦ୍ୟାଳୟର ପରିସରରକୁ ସଂକୁଚିତ କରିବାପାଇଁ ରାଜ୍ୟ ସରକାର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ମିଳିତ ଭାବରେ ଯେଉଁ ଚକ୍ରାନ୍ତ କରିଛନ୍ତି ତାହାକୁ ଏ ରାଜ୍ୟର ଛାତ୍ର ସମାଜ ବରଦାସ୍ତ କରିପାରିବ ନାହିଁ । ରାଜ୍ୟ ସରକାର ପ୍ରାଇଭେଟ ଶିକ୍ଷାନୁଷ୍ଠାନକୁ ଶାଗ ମାଛ ଦରରେ ଜାଗାଯୋଗାଇ ଦେଉଥିବା ବେଳେ ଓଡ଼ିଶାର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟର ପରିସରକୁ ଛୋଟିଆ କରିବାକୁ ଯେଉଁ ଚକ୍ରାନ୍ତ କରିଛନ୍ତି ଏହାକୁ ଓଡ଼ିଶାର ଛାତ୍ର ସମାଜ ନିନ୍ଦା କରୁଛନ୍ତି । ବିଶ୍ୱବିଦ୍ୟାଳୟ ପରିସରରେ ପାନ୍ଥ ନିବାସ, ପାର୍କ ଓ ଫୁଡଷ୍ଟଲ କରାଗଲେ, ସେଠାରେ ବାହାର ଲୋକଙ୍କର ଭିଡ଼ ରହିବ ଏବଂ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହିତ ଅଣଛାତ୍ର ପ୍ରବେଶର ବାଟ ଫିଟିବ । ବିଶ୍ୱବିଦ୍ୟାଳୟର ପ୍ରସାରଣ ପାଇଁ ଭବିଷ୍ୟତକୁ ଆଖିଆଗରେ ରଖି ମୂଳରୁ ଏହି ଜାଗା ରଖଯାଇଛି । ରମାଦେବୀ ବିଶ୍ୱବିଦ୍ୟାଳୟ ମଧ ତାହାର ଭିତିଭୂମିର ପ୍ରସାରଣ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳ ଜାଗା ମାଗିଥିଲା ତାହାକୁ କର୍ତୃପକ୍ଷ ଗ୍ରହଣ କଲେନି । ମାତ୍ର ଏବେ ବାଣୀବିହାରର ଜାଗାକୁ ବିଡିଏକୁ ଦେଇ ମନୋରଞ୍ଜନ କ୍ଷେତ୍ର କରାଯାଉଛି । ଏହାକୁ ଛାତ୍ର କଂଗ୍ରେସ ବିରୋଧ କରୁଛି । ବାଣୀବିହାର ଓଡ଼ିଶାର ଶିକ୍ଷାର ମନ୍ଦିର । ଏହି ମନ୍ଦିରରୁ ହଜାର ହଜାର ଛାତ୍ର ଉର୍ତୀର୍ଣ୍ଣ ହୋଇ ନିଜର କ୍ୟାରିଅର ଗଢ଼ିଛନ୍ତି ଏବଂ ଦେଶ ଓ ଦେଶବାହାରେ ବହୁ ଉଚ୍ଚପଦବୀରେ ଅଛନ୍ତି । ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିବାକୁ ବାଣୀବିହାର ଉର୍ତୀଣ୍ଣ ସମସ୍ତ ଛାତ୍ରୀଛାତ୍ରୀଙ୍କୁ ନିମନ୍ତ୍ରଣ କରାଯିବ । ଏପରି ଏକ ନିଷ୍ପତିରୁ ବିଶ୍ୱବିଦ୍ୟାଳୟ କତୃପକ୍ଷ ତୁରନ୍ତ ଓହରିଯାଆନ୍ତୁ । କୁଳପତି ଏହି ଘଟଣାର ସ୍ୱଷ୍ଟିକରଣ ଦିଅନ୍ତୁ । ନହେଲେ ଆଗାମୀ ମଙ୍ଗଳବାର ଠାରୁ ଏ ନିଷ୍ପତି ପ୍ରତ୍ୟାହାର ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ ।

# ୫୬ ତମ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଂଟ ଡିସେମ୍ବର ଦଶ ତାରିଖରୁ

ବଲାଙ୍ଗିର , ୦୬/୧୧ (ନି.ପ୍ର): ଗତ ୫୫ ବର୍ଷ ହେଲା ଅର୍ଥାତ୍ ୧୯୬୭ ମସିହାରୁ ରାମଜୀ ଯୁବକ ସଂଘ ତରଫରୁ ସଦାଇପାଲି ଠାରେ ଫୁଟବଲ ଟୁର୍ଣ୍ଣାମେଂଟ ହୋଇ ଆସୁଅଛି । ଚଳିତ ଟୁର୍ଣ୍ଣାମେଂଟ ସାଇଟ୍ କଲେଜ ପରିସରରେ ଥିବା ପଲ୍ଲିଶ୍ରୀ ଷ୍ଟଡିୟମ ଠାରେ ଅନୁଷ୍ଠିତ ହେବବୋଲି ଆଜିକାର ସମ୍ବାଦିକ ସମ୍ମିଳନୀ ରେ ରାମଜୀ ଯୁବକ ସଂଘ ର ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ସୂଚନା ଦେଇଥିଲେ । ଏହି ଟୁର୍ଣ୍ଣାମେଂଟ ଟି ଆସନ୍ତା ଡିସେମ୍ବର ୧୦ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଏଥିରେ ଓଡିଶା ର ଚାରୋଟି ଦଳ ଏବଂ ବାହାର ରାଜ୍ୟ ଅର୍ଥାତ ଛତିଶଗଡ, ଝାରଖଣ୍ଡ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ର ଖ୍ୟାତନାମା ୪ଟି ଦଳ, ଏପରି ମୋଟ ଆଠଟି ଦଳ ଅଂଶ ଗ୍ରହଣ କରିବେ ବୋଲି ପ୍ରକ୍ରିୟା ଚାଲିଛି । ଅଳ୍ପଦିନ ମଧ୍ୟରେ ଖେଳସୂଚୀ ପ୍ରକାଶ ପାଇବ । ଟୁର୍ଣ୍ଣାମେଂଟପାଇଁ ସର୍ବଭାରତୀୟ ଫୁଟବଲ ଫେଡେରେସନ୍ ତଥା ଫୁଟବଲ ଏସୋସିଏସନ୍ ଓଡିଶା ର ସ୍ୱିକୃତୀ ପତ୍ର ମିଳିସାରିଛି । ଖେଳକୁ ପରିଚାଳନା କରିବା ପାଇଁ ଇତି ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଏହି ବୈଠକରେ ଓଡିଶା ଫୁଟବଲ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, ଜିଲ୍ଲା କ୍ରୀଡାସଂଘ ର ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ସତପଥି, ପଦ୍ମଚରଣ ଆଚାର୍ଯ୍ୟ, ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ହେମନ୍ତ ବେହେରା, ପ୍ରଭାତ କୁମାର ମିଶ୍ର, ଶରତ ନନ୍ଦ, ଜୟରାମ ମିଶ୍ର, ଚଗଲା ପରିଛା, ଶଶିଶେଖର ପଣ୍ଡା,ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ ପାତ୍ର ତଥା ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ ଆଦି କାଯ୍ୟକର୍ତ୍ତା ନିଜନିଜ ସୁଚିନ୍ତିତ ମତାମତ ଦେଇଥିଲେ । ପରେ ବିଭିନ୍ନ କମିଟୀ ମାନ ଗଠନ କରାଯାଇ କାର୍ଯ୍ୟବଂଟନ କରାଯାଇଥିଲା । ମାନ୍ୟତା ପ୍ରାପ୍ତ ରେଫରି ଖେଳ ଗୁଡିକ ପରିଚାଳନା କରିବେ । ସଭାପ୍ରାରମ୍ଭରୁ ସାଇଟ୍ କଲେଜ ଅଧକ୍ଷ୍ୟା ନମିତା ପଟେଲ ସ୍ୱାଗତ କରିଥିବା ବେଳେ, ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ବ୍ରହ୍ମା ଧନ୍ୟବାଦ ଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# କାନରେ ଟ୍ୟୁମର: ଚିକିତ୍ସା ଅପେକ୍ଷାରେ ଦଶ ବର୍ଷର ବାଳକ ନରେନ୍ଦ୍ର

ନୂଆପଡ଼ା, ୦୬/୧୧ (ନି.ପ୍ର): ବୟସ ଦଶ ବର୍ଷ, ହସିବା ଖେଳିବା ବୟସ । ଏ ବୟସରେ କିନ୍ତୁ ଜୀବନ ସହ ଲଢ଼ିବାକୁ ପଡୁଛି । ଆର୍ଥିକ ଅବସ୍ଥା ଖରାପ ଥିବାରୁ ଅସ୍ତ୍ରୋପଚାର ହୋଇ ପାରୁନି । ଖଡିଆଳ ବ୍ଲକ ସାନମହେଶ୍ୱର ଗ୍ରାମପଂଚାୟତର ବଡ ମହେଶ୍ୱର ଗ୍ରାମ । ଗ୍ରାମର ମଙ୍ଗଲୁ ହରିଜନ ଓ ବେଳମତି ହରିଜନଙ୍କ ପୁଅ ନରେନ୍ଦ୍ର । ବୟସ ଦଶ ବର୍ଷ, ଗାଁ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଛି । ନରେନ୍ଦ୍ର ଏବେ ଅସହ୍ୟ ଯନ୍ତ୍ରଣାରେ ଦିନ କାଟୁଛି । ଟ୍ୟୁମର ପାଇଁ ତାହାର ଡାହାଣ କାନ ବଢ଼ିବାକୁ ଲାଗିଛି । ସେହି କାନରେ ଶୁଣି ପାରୁ ନାହିଁ । ଅସ୍ତ୍ରୋପଚାର କଲେ ସେ ଭଲ ହୋଇ ପାରନ୍ତା, କିନ୍ତୁ ଆର୍ଥିକ ଅବସ୍ଥା ଖରାପ ଥିବାରୁ ଓ ସ୍ମାର୍ଟ୍ କାର୍ଡ ନଥିବାରୁ ଅସ୍ତ୍ରୋପଚାର କରାଯାଇ ପାରୁନି । ନରେନ୍ଦ୍ର ଜନ୍ମ ପରେ ଜଣାପଡିଲା ତାର ଡାହାଣ କାନରେ ଦୁଇ ଶହ ଗ୍ରାମର ଟ୍ୟୁମର ରହିଛି । ଗର୍ଭରେ ଥିବା ବେଳେ ଟ୍ୟୁମର ବଢ଼ିଥିବା ନୂଆପଡ଼ା ଡାକ୍ତର କହିଲେ । ତାଙ୍କୁ ସଙ୍ଗେ ସଙ୍ଗେ କଟକ ଶିଶୁ ଭବନରେ ଭର୍ତି କରାଗଲା । ସେଠାରେ ଡାକ୍ତର ଅସ୍ତ୍ରୋପଚାର କରି ଟ୍ୟୁମର କାଢି ଦେଇଥିଲେ । ସେହି ଦିନରୁ ନରେନ୍ଦ୍ର ଭଲ ଥିଲା ଓ କାନର ଅବସ୍ଥା ସ୍ୱାଭାବିକ ଥିଲା । ଏବେ କିନ୍ତୁ ତିନି ମାସ ହେଲା କାନ ବଢିବା ସହ ଭିତରେ ଗହ୍ୱର ବନ୍ଦ ହୋଇ ଯାଉଛି । ଫଳରେ ସେ ଆଉ ଶୁଣି ପାରୁନି । ମୋତେ ଅପରେସନ କରି ନିଅ ବୋଲି ବାପା ମାଙ୍କୁ ବାରମ୍ବାର କହୁଛି, କିନ୍ତୁ ଆର୍ଥିକ ଅବସ୍ଥା ଏତେ ଖରାପ ଯେ ପୁଅର ଆକୁଳ ନିବେଦନକୁ ଛାତି ପଥର କରି ସହିବାକୁ ପଡୁଛି । ସରକାରୀ ସହଯୋଗ କଲେ ପୁଅର ଚିକିତ୍ସା କରାଇ ପାରିବେ ବୋଲି ସେମାନେ କହନ୍ତି । ମଙ୍ଗଳୁଙ୍କ ପରିବାର ବହୁତ ଗରିବ । ଜମିବାଡ଼ି ନାହିଁକି ଗାଁରେ କାମ ଧନ୍ଦାର ସୁବିଧା ନାହିଁ । ସେଥିପାଇଁ ପ୍ରତିବର୍ଷ ସେ ହାଇଦ୍ରାବାଦ ଦାଦନ ଖଟିବାକୁ ଯାଆନ୍ତି । ଦାଦନ ଖଟିବାକୁ ଯାଇଥିବା ବେଳେ ତାଙ୍କର ପ୍ରଥମ ପୁଅ, ଯାହାକୁ ତିନି ବର୍ଷ ହୋଇଥିଲା ସେ ପାଣିରେ ବୁଡି ମରି ଯାଇଥିଲା । ସେହି ପୁଅକୁ ଝୁରି ଝୁରି ଦିନ କାଟୁଥିବା ବେଳେ ନରେନ୍ଦ୍ରକୁ ଦେଖି ଦୁଃଖ ଭୁଲୁଥିଲେ ଦୁଇ ପ୍ରାଣୀ । ଏବେ କିନ୍ତୁ ସେ ମଧ ଜୀବନ ଜୀଇଁବା ପାଇଁ ଲଢେଇ କରୁଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ତାଙ୍କୁ ସ୍ମାର୍ଟ୍ କାର୍ଡ ମିଳି ନ ଥିବା ଜଣାପଡିଛି । ପୁଅର ଅସ୍ତ୍ରୋପଚାର ପାଇଁ ସ୍ୱାମୀ ସ୍ତ୍ରୀ ସରକାରଙ୍କୁ ନିବେଦନ କରିଛନ୍ତି । ଏନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାକେନ୍ଦ୍ରର ଇନଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କୁ ପଚାରିବାରୁ ନରେନ୍ଦ୍ରର ଚିକିତ୍ସା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ଡିଏମ୍ ଏଫ ସହାୟତାରେ ଆଶାବାଡି ଛାଡି ପାଦରେ ଛିଡାହେଲେ ମୂରଲୀ

କେନ୍ଦୁଝର , ୦୬/୧୧ (ନି.ପ୍ର): ମୁରଲୀଙ୍କ ମୁହଁରେ ହସ ଫୁଟାଇଲା କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ । କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ବିଲେଇପଦା ପଂଚାୟତ ଅନ୍ତର୍ଗତ କାଳିଆବେଡା ଗ୍ରାମର ମୁରଲୀଧର ମୁଣ୍ଡା । ମୁରଲୀଧର ସ୍ଥାନୀୟ ଟାଟାସ୍ପଞ୍ଜ ଆଇରନ ଲିମିଟେଡରେ ମେକାନିକ ଭାବେ କାର୍ଯ୍ୟକରୁଥିଲେ । ସ୍ତ୍ରୀ ଓ ଗୋଟିଏ ପୁଅାକୁ ନେଇ ମୁରଲୀ ଙ୍କ ଗୋଟିଏ ଛୋଟ ପରିବାର । ସୁଖ ଦୁଃଖ ମିଶାମିଶି ତାଙ୍କର ଜୀବନ ଚାଲିଥିଲା । କିନ୍ତୁ ଗତ ପ୍ରାୟ ୪ ମାସ ତଳେ ତାଙ୍କ ଜୀବନରେ ଘଟିଗଲା ଏକ ବଡ ଦୁର୍ଘଟଣା । ଟ୍ରେନ ଦୁର୍ଘଟଣାରେ ମୁରଲୀଙ୍କୁ ଡାହାଣ ଗୋଡ ହରାଇବାକୁ ପଡିଲା । ପ୍ରାଥମିକ ଚିକିତ୍ସା ପରେ ଜାମସେଦପୁର ଠାରେ ତାଙ୍କର ଅସ୍ତ୍ରୋପ୍ରଚାର ହେଲା । ତାପରେ ତାଙ୍କର ଜୀବନ ଦୁର୍ବିସହ ହୋଇପଡିଲା । ଏବଂ ଆଶାବାଡି ତାଙ୍କର ମୁଖ୍ୟ ସହାୟ ପାଲଟିଲା । ଆଶାବାଡି ସାହାରାରେ ନିତ୍ୟକର୍ମ ଓ ଅନ୍ୟାନ୍ୟ କାର୍ଯ୍ୟ କରିବା ତାଙ୍କ ପକ୍ଷରେ କଷ୍ଟସାଧ ବ୍ୟାପାର ହୋଇପଡିଥିଲା । ତାଙ୍କ କାନ୍ଧରେ ସବୁବେଳେ ଯନ୍ତ୍ରଣା ଲାଗି ରହୁଥିଲା । ଏପରି ଥରେ ଆଶାବାଡି ଖସିଯିବାରୁ ତାଙ୍କ ଗୋଡ ପୁଣି ଥରେ କ୍ଷତାକ୍ତ ହୋଇଯାଇଥିଲା । ଇତି ମଧ୍ୟରେ କୌଣସି ସୁତ୍ରରୁ ଖବର ପାଇ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅର୍ଥରେ ସହରର ଉପକଣ୍ଠରେ ରାଙ୍କିଠାରେ ପ୍ରତିଷ୍ଠିତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ସହ ଯୋଗା ଯୋଗ କରିଥିଲେ । ଏବଂ ସେଠାରୁ ମିଳିଥିବା ପରାମର୍ଶନୁଶାରେ ପରବର୍ତି ଅବସ୍ଥାରେ କେନ୍ଦ୍ରକୁ ଆସି ଡାକ୍ତରଙ୍କ ସହ ଦେଖାକରିଥିଲେ । କେନ୍ଦ୍ରରେ ତାଙ୍କର ପରୀକ୍ଷା ନିରୀକ୍ଷା ପରେ କୁତ୍ରିମ ଗୋଡପାଇଁ ଅର୍ଡର ଦିଆଯାଇଥିଲା । ଶନିବାର ଦିନ ମୁରଲୀ ତାଙ୍କ ପତ୍ନୀ ଓ ସଂପର୍କିୟ ମାନଙ୍କ ସହ ଆସି କୁତ୍ରିମ ଏଙ୍ଗ ସହ ଘରକୁ ଫେରିଛନ୍ତି । କୁତ୍ରିମ ଗୋଡଟି ପିନ୍ଧିବାରେ ତାଙ୍କ କୌଣସି ଅସୁବିଦା ହେଉନାହିଁ । ଏଇଟି ବେଶ ହାଲୁକା ହୋଇଥିବାରୁ ତାଙ୍କ ଚାଲ ବୁଲ କରିବାରେ ବହୁ ସୁବିଧା ହେଉଛି ବୋଲି ସେ କହିଛନ୍ତି । ପ୍ରକାଶ ଥାଉ କି ଯେ ଅଦ୍ୟବଧି ରାଙ୍କି ସ୍ଥିତ ଏହି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରରେ ୨୬୧ ଜଣଙ୍କୁ ସାଧାରଣ କୁତ୍ରିମ ଗୋଡ ଓ ୧୦ ଜଣଙ୍କୁ ହାଇଏଣ୍ଡ କୁତ୍ରିମ ଗୋଡ ଦେୟମୁକ୍ତ ଯୋଗାଇ ଦିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ରତାଖଣ୍ଡି ଜଙ୍ଗଲରେ ଅବକାରି ଚଢଉ, ମାଫିଆ ଚମ୍ପଟ୍

ଜୟପୁର, ୦୬/୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରତାଖଣ୍ଡି ଜଙ୍ଗଲରେ ଅବକାରି ବିଭାଗ ଆଜି ଚଢଉ କରିଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢ଼ଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣାସ୍ଥଳରୁ ୭ଶହ ଲିଟର ପୋଚ ଓ ୬୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ଗାଇଖାଇ ପର୍ଯ୍ୟଟନ ସ୍ଥଳ ଉଦ୍‌ଘାଟିତ

ବଲାଙ୍ଗିର, ୦୬/୧୧ (ନି.ପ୍ର): ଆଜି ପୂର୍ବାହ୍ନରେ ଉଦଘାଟନ ହେଇଛି ବନ ବିଭାଗର ଗାଇଖାଇ ପର୍ଯ୍ୟଟନ ସ୍ଥଳ । ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରଦୀପ ଅମାତ ଏହାର ଉଦଘାଟନ କରିଥିଲେ । ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜ଼ିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ଆରସିସିଏଫ ଅଶ୍ୱିନୀ କୁମାର କର, ବଲାଙ୍ଗୀର ଡିଏଫଓ ନୀତିଶ କୁମାର, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଆଗଲପୁର ବ୍ଲକ ଅଧକ୍ଷ୍ୟା ଗୀତାଞ୍ଜଳି ଦାଶ, ଏସିଏଫ ଜିତେନ୍ଦ୍ର ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଥମେ ଗାଇଖାଇ ନବୀକରଣ କରାଯାଇଥିବା ବିଶ୍ରାମ ଗୃହ ର ଉଦଘାଟନ କରିଥିଲେ । ଏହା ପରେ ନୂତନ ଟିକେଟ ଘର ଉଦଘାଟନ କରିବାସହ ବୁଲି ଦେଖିଥିଲେ । ନୂତନ ପଦ୍ଧତିରେ ଜଣେ ପର୍ଯ୍ୟଟକ ଟିକେଟ କାଟି ସାରିଲା ପରେ ଟିକେଟ ସ୍କାନ କରି ପର୍ଯ୍ୟଟନ କ୍ଷେତ୍ର ବୁଲିପାରିବ । ସେହିପରି ନୌକା ବିହାର, ଜଳକ୍ରୀଡା ତଥା ମନୋରଞ୍ଜନ କରିପାରିବ । ଜଣେ ୫୦ ରୁ ୨୫୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ଏହିସବୁ ସୁବିଧାର ଆନନ୍ଦ ନେଇପାରିବ । ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହି ଦୁଇ ନୂଆ ପ୍ରକଳ୍ପ ହେବା ଦ୍ୱାରା ବଲାଙ୍ଗୀର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ଏହା ଯୋଡି ହୋଇଛି । ପ୍ରଥମ ପର୍ଯ୍ୟାୟରେ ୭୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏଥିରେ ସୁଦୃଶ୍ୟ ତୋରଣ, ବିଶ୍ରାମ ଗୃହ ଏବଂ ବୋଟିଂ ଆଦିକୁ ବନବିଭାଗ ଦ୍ୱାରା କରାଯାଇଛି । ଏହି ପ୍ରକଳ୍ପ ପିକନିକ ତଥା ଯୁବ ପିଢିଙ୍କ ପସନ୍ଦର ସ୍ଥାନ ହେବା ସହ ସ୍ଥାନୀୟ ଲୋକଙ୍କ ରୋଜଗାରର ମାଧ୍ୟମ ହୋଇପାରିବ ।

## ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ପତ୍ନୀ ବିୟୋଗ

ବଲାଙ୍ଗୀର, ୦୬/୧୧ (ନି.ପ୍ର): ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ଧର୍ମପତ୍ନୀ ଶ୍ରୀମତୀ ହେମଲତା ଛୁରିଆଙ୍କ ୭୪ ବର୍ଷ ବୟସରେ ଆଜି ପୂର୍ବାହ୍ନରେ ଭୁବନେଶ୍ୱର ଏମସ୍ ହସ୍ପିଟାଲ ଠାରେ ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ଧରି ଫୁସ୍‌ଫୁସ୍ ଓ କିଡ଼ନୀ ସଂକ୍ରମଣ ଜନିତ ସମସ୍ୟା ଯୋଗୁଁ ପ୍ରଥମେ ବଲାଙ୍ଗୀର, ପରେ ବିକାଶ ହସ୍ପିଟାଲ, ବରଗଡ଼ ଓ ଶେଷରେ ଭୁବନେଶ୍ୱର ଠାରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇଝିଅ ସୁରଭି ଓ ପୂରବୀ, ଜ୍ୱାଇଁ ଉଚ୍ଛାଟାନନ୍ଦ, ଅରବିନ୍ଦ, ନାତି ହେମନ୍ତ, ସ୍ୱରୂପ, ଆୟୁଷ ଓ ଅରୂପ ଉପସ୍ଥିତ ଥିଲେ । ସ୍ୱର୍ଗତା ହେମଲତା ଜଣେ ମିଷ୍ଟଭାଷିଣୀ, ଧର୍ମପରାୟଣା ମହିଳା ଥିଲେ । ତାଙ୍କର ତିରୋଧାନ ଖବର ପ୍ରଚାରିତ ହେବା ପରେ ସହରରେ ଶୋକର ଛାୟା ଖେଳିଯିବା ସହ ବହୁ ଆତ୍ମିୟ ସ୍ୱଜନ ନାଟ୍ୟଭୂଷଣ ଜଗଦାନନ୍ଦଙ୍କ ମାଲପଡ଼ା ସ୍ଥିତ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାସହ ବଲାଙ୍ଗୀରର ବିଭିନ୍ନ ଅନୁଷ୍ଠାନ ତରଫରୁ ମଧ୍ୟ ଶ୍ରୀମତୀ ହେମଲତା ଛୁରିଆଙ୍କ ତିରୋଧାନରେ ଶୋକ ବ୍ୟକ୍ତ କରାଯାଇଛି ।

# ମା' ନିତେଇ ଧୋବଣୀ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୦୬/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ରଜକ ସମାଜର ଇଷ୍ଟ ଦେବୀ ମାଁ ନିତେଇ ଧୋବଣୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରଜକ ସମାଜ, ବଲାଙ୍ଗିର ଉପଖଣ୍ଡ ସଭାପତି ଭୁବନେଶ୍ୱର ସେଠ୍ ସଭାପତିତ୍ୱ କରିଥିଲେ । ପ୍ରଥମେ ମନ୍ଦିର ପୂଜକ ଚେତରାମ ସେଠ୍ ଓ ଛବି ସେଠ୍ ପୂଜାର୍ଚ୍ଚନା କରିଥିଲେ । ଜିଲ୍ଲା ରଜକ ସମାଜ ସମ୍ପାଦକ କିର୍ତି ଚନ୍ଦ୍ର ସେଠ୍ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ତାପରେ ରଜକ ସମାଜର ଇହଧାମ ତ୍ୟାଗ କରିଥିବା ସଭ୍ୟଙ୍କ ଆତ୍ମାର ସଦ୍ଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ବୈଠକରେ ବହୁ ସଂଖ୍ୟାରେ ରଜକ ସଭ୍ୟବୃନ୍ଦ ଯୋଗଦାନ କରି ବହୁମୁଲ୍ୟ ମତାମତ ପ୍ରକାଶ କରିଥିଲେ । ମନ୍ଦିର ପ୍ରତିଷ୍ଠା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ତାକୁ କାର୍ଯ୍ୟକାରୀ କରିବାକୁ ସମସ୍ତେ ଶପଥ ନେଲେ । ଜିଲ୍ଲା କୋଷାଧକ୍ଷ ଶେଖର ସେନ୍ ସେଠ୍ ଆୟ ବ୍ୟୟ ବିବରଣୀ ପଠନ କରି ସମସ୍ତଙ୍କୁ ଏକତ୍ରିତ ହୋଇ ମନ୍ଦିର ପ୍ରତିଷ୍ଠା ପାଇଁ ସହଯୋଗ କାମନା କରିଥିଲେ । ମନ୍ଦିର କମିଟି ସମ୍ପାଦକ ଗଦାଧର ସେଠ୍ ପୂର୍ଣ୍ଣ ସହଯୋଗ କରି ସମସ୍ତ ଦାୟିତ୍ୱ ତୁଲାଇଥିଲେ । ଉପଖଣ୍ଡ ସମ୍ପାଦକ ଶିବ ପ୍ରସାଦ ସେଠ୍, ବରିଷ୍ଠ ସଭ୍ୟ ଅନିରୁଦ୍ଧ ସେଠ୍, ଲକ୍ଷ୍ମୀନାରାୟଣ ସେଠ୍, ଲକ୍ଷ୍ମୀଧର ସେଠ୍, ଭୂଜରାଜ ସେଠ୍, ପ୍ରକାଶ ସେଠ୍ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ସଂପାଦକ କିର୍ତି ଚନ୍ଦ୍ର ସେଠ୍ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# କେନ୍ଦୁଝରର ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୩: ଓଡିଶା ମିଲେଟସ୍ ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦୁଝର, ୦୬/୧୧ (ନି.ପ୍ର): କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୩ ଓ ଓଡିଶା ମିଲେଟସ୍ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , କେନ୍ଦୁଝର ର ପ୍ରଧାନ ଶିକ୍ଷକ ତଥା ଗୋଷ୍ଠୀ ଶିକ୍ଷାଧିକାରୀ ତେଲକୋଇ ସତ୍ୟନାରାୟଣ ମହାନ୍ତଙ୍କ ସବାପତିତ୍ୱରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧୀକାରିଣୀ ଶ୍ରୀମତୀ ଗୌରରାଣୀ ନାଏକ ମୁଖ୍ୟ ଅତିଥି ବାବେ ଯୋଗ ଦେଇ ଶିଶୁ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହ ଉତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପାଟଣାର , ଗୋଷ୍ଠୀ ଶିକ୍ଷାଧିକାରୀ ପୁର୍ଣ୍ଣଚନ୍ଦ୍ର ଅମାତ ଯୋଗାଦେଇ ପିଲା ମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ କରିବାରେ ଏହି ସୁରଭି ଶିଶୁ ମହୋତ୍ସବ ମୁଖ୍ୟ ଭୁମିକା ଗ୍ରହଣ କରିଥାଏ ବୋଲି ମତ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ସାହୁ ଗୋଷ୍ଠୀ ଅଧିକାରୀ ଚମ୍ପୁଆ ଯୋଗ ଦେଇ ନିଜର ସୁଚିନ୍ତିତ ବକ୍ତବ୍ୟ ରକିଥିଲେ । ଏହି ପ୍ରତିଯୋଗୀତାରେ ତିନୋଟି ବିଭାଗ ଯଥା – କନିଷ୍ଠ , ବରିଷ୍ଠ ଓ ବରିଷ୍ଠ ( ଉଚ୍ଚ ମାଧମିକ) ଶିଶୁ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ସ୍ୱତନ୍ତ୍ର ଭାବେ ଏଡିଶା ମିଲେଟସ ର ବକ୍ତୃତା , କୁଇଜ , ଓ ପ୍ରବନ୍ଧ ପ୍ରତିଯୋଗୀତା ମଧ ଅନୁଷ୍ଠିତ ହୋଇଥିଲା ।କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକରୁ ସର୍ବମୋଟ ୪୪ ୨ ଜଣ ଶିଶୁ ଏଥିରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କର ସହାୟକ ଭାବେ ୭୫ ଜଣ ଗାଇଡ ଶିକ୍ଷକ / ଶିକ୍ଷୟତ୍ରୀ ସହେଯାଗ କରିଥିଲେ । ଜିଲ୍ଲା ଆଦିବାସୀ ସମନ୍ୱିତ ସଂଯୋଜକ , ଦୁର୍ଗା ପ୍ରଶନ୍ନ ନାଏକ , ଜିଲ୍ଲା ପ୍ରକଳ୍ପ ସଂଯୋଜକ ସମଗ୍ର ସମଗ୍ର ଶିକ୍ଷା କେନ୍ଦୁଝର ସମସ୍ତ କର୍ମଚାରୀ ଓ ସଦର ବ୍ଲକର ଆଂଚଳିକ ସାଧନା କେନ୍ଦ୍ର ସଂଯୋଜକ ତଥା ଶିକ୍ଷକ ଶିକ୍ଷୟତ୍ରୀ ଏହି ପ୍ରତିଯୋଗୀତାକୁ ସୁଚାରୁରୂପେ ସଂପାଦନା କରିଥିଲେ । ଶେଷରେ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦ୍ ?ଯାପନୀ ଉତ୍ସବରେ ଜିଲ୍ଲା ପରିଷଦର ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ପ୍ରତିଯୋଗୀତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ଆସନ୍ତା ନଭେମ୍ବର ୧୪ ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ - ୨୦୨୩ ଭୁବନେଶ୍ୱର ଠାରେ ଅଂଶ ଗ୍ରହଣ କରିବେ ।

# ଓଡିଶା ସେଲସ ରିପ୍ରେଜେନଟେଟିଭ ୟୁନିଅନର ବାର୍ଷିକ ସମ୍ମିଳନୀ

ଜୟପୁର, ୦୬/୧୧ (ନି.ପ୍ର): ଓଡିଶା ସେଲସ ରିପ୍ରେଜେନଟେଟିଭ ୟୁନିଅନ, ଜୟପୁର ଶାଖା ଜିଲା କମିଟିର ୨୭ ତମ ବର୍ଷିକ ସମ୍ମିଳନି ଅନୁଷ୍ଠିତ ହୋଇଛି । ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ଆୟୋଜିତ କାଯ୍ୟକ୍ରମରେ ଜିଲା ସଭାପତି ପ୍ରିନିସ ଖିଲାଡି ସଭାପତିତ୍ୱ କରିଥିବା ବେଳେ ସମ୍ମିଳନି ପ୍ରାରମ୍ଭରେ ସଂଗଠନକ ପତକା ଉତୋଳନ କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ଡାକ୍ତର କେଦାର ନାଥ ଚୌଧୁରି ଯୋଗ ଦେଇଥିବା ବେଳେ ସିଟି କୋଡିନେସନ କମିଟିର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ଅମଲା ସଂଘର ସଭାପତି ଶଶି ଭୁଷଣ ଦାସ, ଓଶ୍ମୁ ଜିଲା ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ଲକ୍ଷ୍ମୀଣ କୁମାର ମିଶ୍ର ଉପସ୍ଥିତ ରହି ମେଡିକାଲ ସେଲସ ରିପ୍ରେଜେନଟେଭ ମାନଙ୍କ ଉପରେ ଆକ୍ରମଣ ତଥା ସେଲସ ପ୍ରମୋସନ ଆଇନକୁ ରଦ୍ଦ କରିବା ନିନ୍ଦା କରିବା ସହ ଔଷଧ ଉପରୁ ଡିଏସଟି ହଟାଇବା ଏବଂ ଔଷଧ ଶିଶୁ ଖାଦ୍ୟ ଦରଦାମ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହା ପରେ କେନ୍ଦ୍ର ସରକାରଙ୍କ ନିତି ଗୁଡିକରୁ ଦରଦାମ ବୃଦ୍ଧି ହେଉଛି । ଏବଂ କେନ୍ଦ୍ରର ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡିକ ବିକ୍ରି କରିବାରେ ନିନ୍ଦା କରିଥିଲେ । ଆଗାମୀ ବର୍ଷ ପାଇଁ ଜିଲା ସଭାପତି ଭାବେ କୃଷ୍ଣ ଚନ୍ଦ୍ର ସାମନ୍ତରାୟଙ୍କୁ ଜିଲା ସମ୍ପାଦକ ଭାବେ ରଞ୍ଜନ ମିଶ୍ର, ଜିଲା ସମ୍ପାଦକ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ଜିଲା ଉପ ସଭାପତି ଯୋଗେନ ଚୌଧୁରି, କୋଷାଧକ୍ଷ ସନ୍ତୋଷ କୁମାର ଦଳାଇଙ୍କୁ ନିର୍ବାଚିତ କରାଯାଇଛି ।

# ଗ୍ରାମ ପଂଚାୟତ ସ୍ଥାୟୀ ସମିତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଚମ୍ପୁଆ, ୦୬/୧୧ (ନି.ପ୍ର): ଚମ୍ପୁଆ ବ୍ଲକ ରିମୁଳି ପଂଚାୟତ କାର୍ଯ୍ୟାଳୟ ଠାରେ ଟାଟା ଷ୍ଟିଲ ଫାଉଣ୍ଡେସନ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ର ମିଳିତ ଆନୁକୁଲ୍ୟ ରେ ଏକ ଗ୍ରାମ ପଂଚାୟତ ସ୍ଥାୟୀ ସମିତି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିର ୦୫.୧୧.୨୩ ଓ ୦୬.୧୧.୨୩ ଦୁଇ ଦିନ ଧରି ଅନୁଷ୍ଠିତ ହେବ ବୋଲି ପଂଚାୟତ ପକ୍ଷରୁ ସୂଚନା ଦିଆ ଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ସେଖ ଅବଦୁଲ ସଫିକ ଯୋଗ ଦେଇ ଗ୍ରାମ ସଭା, ପଲ୍ଲୀ ସଭା ସହିତ ପଂଚାୟତିରାଜ ବ୍ୟବସ୍ଥା ବିଷୟରେ ବିସ୍ତାର ଭାବେ ବୁଝାଇଥିଲେ । ମହିଳାମାନେ କିପରି ଘର ଏରୁଣ୍ଡି ବନ୍ଧ ଡେଇଁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହିତ ପୁରୁଷମାନଙ୍କ ସହିତ କାନ୍ଧ ରେ କାନ୍ଧ ମିଶାଇ ଆଗକୁ ଚାଲି ପାରିବେ ସେ ଦିଗରେ ମଧ ସେମାନଙ୍କୁ ଉତ୍ସାହିତ କରିବା ସହ ସମ୍ବିଧାନରେ ମହିଳାମାନଙ୍କୁ ଦିଆଯାଇଥିବା ଅଧିକାର ବିଷୟରେ ମଧ ଆଲୋକପାତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରିମୁଳି ସରପଂଚ ଅମୃତି ମୁଣ୍ଡା, ରିମୁଳି ପଂଚାୟତ ସମିତି ସଭ୍ୟ ଦୀପ୍ତି ମତି ସୋରେନ, ପଂଚାୟତସ୍ତରୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରେସିଡେଂଟ ଅନିତା ବେହେରା, ସେକ୍ରେଟାରୀ ଜାତ୍ରୀମଣି ବୈଦ୍ୟ, ପଂଚାୟତ ସ୍ୱୟଂ ସହାୟିକା ଗୋଷ୍ଠୀ ଲିଡର ପଦ୍ମାଳୟା ସେଠୀ, ରିମୁଳି ପଂଚାୟତ ସମସ୍ତ ସ୍ୱୟଂ ସହାୟିକା ସଂଘର ଇସି ମେମ୍ବର ଓ ରିମୁଳି ପଂଚାୟତର ସମସ୍ତ ୱାର୍ଡ ମେମ୍ବର ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ ଫାଉଣ୍ଡେସନ ପଂଚାୟତ ସାଥୀ ଜଗତଜ୍ୟୋତି ମହାନ୍ତ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ପ୍ରଜନନ କ୍ଷମତା ବଢ଼ାଏ ପରଜୀବି କୃମି



ଉଦରରେ ବଢୁଥିବା ହେଲ୍‌ମିନ୍‌ଥ ପ୍ରଜାତିର ପରଜୀବୀ କୃମି, ଯଥା ଗୋଲକୃମି ଓ ଅଙ୍କୁଶକୃମି, ମହିଳାଙ୍କ ପ୍ରଜନନ କ୍ଷମତା ବଢ଼ାଉଥିବା, ଏକ ଗବେଷଣା ଫଳାଫଳ ସୂତ୍ରରୁ ପ୍ରକାଶ। ବୋଲିଭିଆର ସିମେନ ସଂପ୍ରଦାୟର ମହିଳାମାନେ ବିଶ୍ୱରେ ସବୁଠାରୁ ଅଧିକ ପ୍ରଜନନକ୍ଷମ। ହାରାହାରି ସିମେନ ମହିଳାଙ୍କ ସନ୍ତାନ ସଂଖ୍ୟା ଦଶ। ଏମାନେ ଅପେକ୍ଷାକୃତ ସମତଳ ଅଞ୍ଚଳରେ। ରହୁଥିବା ଆଦିମ ଅଧିବାସୀ। ପରଜୀବୀ କୃମି, ମଣିଷ ଶରୀରରେ ନାନା ସମସ୍ୟା ସୃଷ୍ଟି କରୁଥିଲେ ହେଁ, ଏମାନଙ୍କ କ୍ଷେତ୍ରରେ ଏହା ଆଦୌ ଏକ ସମସ୍ୟା ନୁହେଁ। ପରଜୀବୀ କୃମି ସହ, ସେମାନଙ୍କର ପ୍ରଜନନ କ୍ଷମତାର ସଂପର୍କ ଥିବା, ଗବେଷକମାନେ ଅନୁମାନ କରୁଛନ୍ତି। ଯେଉଁ ସିମେନ ମହିଳାମାନେ ଗର୍ଭଧାରଣ ପୂର୍ବରୁ କୃମି ସହ ଅଭ୍ୟସ୍ତ, ସେମାନଙ୍କ ପ୍ରଜନନ କ୍ଷମତା ଅଧିକ। ତେବେ, ନିର୍ଦ୍ଦିଷ୍ଟ ଭାବେ କେଉଁ କାରଣରୁ ଏ ପରି ଘଟୁଛି, ଜଣାପଡ଼ିନାହିଁ ଏ ବାବଦରେ ଅଧିକ ଗବେଷଣା ଚାଲିଛି। ଏହାର ଫଳାଫଳ ବନ୍ଧ୍ୟାତ୍ୱର ଚିକିତ୍ସା କ୍ଷେତ୍ରକୁ ନବ ଦିଗନ୍ତ ଦେଇପାରେ।

# ମଧୁମେହ ରୋଗୀଙ୍କ ବ୍ୟାୟାମ ଜନିତ ସତର୍କତା



ମଧୁମେହ ରୋଗୀଙ୍କ ବ୍ୟାୟାମ ବାବଦରେ ପ୍ରାଚୀନ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ମିଳେ। ଏ ଭଳି ରୋଗୀ ମାଟି-କୁସ୍ତି, ଲମ୍ବ ପଥ ପଦ-ଯାତ୍ରା ଓ ଅଶ୍ୱାରୋହଣ ଆଦି କରିବା ପାଇଁ ଶୁଶ୍ରୁତ ଏବଂ ଚରକ ଲେଖିଯାଇଛନ୍ତି। ତେବେ, ସବୁ ମଧୁମେହ ଗ୍ରସ୍ତଙ୍କ ପାଇଁ ଏକ ପ୍ରକାରର ବ୍ୟାୟାମ ଠିକ୍ ହୋଇ ନପାରେ। ତେଣୁ ଚିକିତସକଙ୍କ ପରାମର୍ଶ ନେଇ ବ୍ୟାୟାମ କରିବା ଉଚିତ। କେତେକ ସାଧାରଣ ପରୀକ୍ଷା, ଯଥା-ଇସିଜି, ରକ୍ତଚାପ ଆଦିପରେ, ଚିକିତ୍ସକ ହିଁ ବତାଇବେ, କେଉଁ ବ୍ୟାୟାମ, କେତେ ସମୟ କରିବେ। ରୋଗୀ ହୃତପିଣ୍ଡର ଅବସ୍ଥା ଅନୁଯାୟୀ ବ୍ୟାୟାମ କରିବା ଉଚିତ। ଏହା ଦୁର୍ବଳ ଥିଲେ, ଅଧିକ ବ୍ୟାୟାମ ପ୍ରାଣଘାତୀ ହୋଇପାରେ। ସପ୍ତାହରେ ପାଞ୍ଚ ଦିନରେ ୩୦-୪୫ମିନିଟ ବ୍ୟାୟାମ କରାଯାଇପାରେ। ଅଭ୍ୟାସସ ସହ ଏହି ସମୟ ବଢ଼ାଯାଇପାରେ। ଖାଲି ପେଟରେ ବ୍ୟାୟାମ କରିବା ଉଚିତ। ଦେହ ଭଲଲାଗୁ ନଥିଲେ, ଜର ହୋଇଥିଲେ, ବ୍ୟାୟାମ ଅନୁଚିତ। ବ୍ୟାୟାମ ବେଳେ ଆରାମଦାୟକ, ଢିଲା ପୋଷାକ ପିନ୍ଧିବା ଉଚିତ। ଅଧିକ ଭାରଯୁକ୍ତ ବ୍ୟାୟାମ ଅନୁଚିତ। ମଧୁମେହ ରୋଗୀଙ୍କର ଏଥିଜନିତ ଆଖି ସମସ୍ୟା ଥିଲେ, ଅଧିକ ଓଜନ ଉଠାଇଲେ, ରକ୍ତ ବାହାରିପାରେ ବ୍ୟାୟାମ କଲେ ରକ୍ତ ଶର୍କରା କମେ, ଏହା ଯେପରି ଧ୍ୟାନରେ ରହେ। ଅନ୍ୟମନସ୍କ ହୋଇ ଅଧିକ ବ୍ୟାୟାମ କଲେ, ହଠାତ୍ ହାଇପୋଗ୍ଲାଇସେମିଆ ଅବସ୍ଥା ସୃଷ୍ଟି ହୋଇପାରେ। ତେଣୁ ସର୍ବଦା ପାଖରେ ଚିନି ବା ଚକଲେଟ ରଖିବା ଉଚିତ୍।

# ଶର୍କରାରୁ ଅଲ୍‌ଝିମର୍ସ

ଉଚ୍ଚ ଶର୍କରାଯୁକ୍ତ ଖାଦ୍ୟ ଅଲଝିମର୍ସ ଆଶଙ୍କା ବୃଦ୍ଧି କରିପାରେ। ଶର୍କରା ଓ ମସ୍ତିଷ୍କ ରୋଗ ମଧ୍ୟରେ ସମ୍ପର୍କ ଥିବା କଥା ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି।। ବାଥ୍ ୟୁନିଭର୍ସିଟି ଓ କିଙ୍ଗସ କଲେଜ ଲଣ୍ଡନର ଗବେଷକଙ୍କ ମତରେ, ଅସାମାନ୍ୟ ରୂପେ ଉଚ୍ଚ ରକ୍ତ ଶର୍କରା ସ୍ତର କିମ୍ବା ହାଇପରଗ୍ଲାଇସିମିଆର ପ୍ରଭାବ ସ୍ମୃତି ସମ୍ବନ୍ଧୀୟ କାର୍ଯ୍ୟକଳାପରେ କାହିଁକି ଥାଏ; ଏହି ଅଧ୍ୟୟନରେ ତାହା ପ୍ରଥମଥର ପ୍ରମାଣ କରାଯାଇଛି। ଅତ୍ୟଧିକ ଶର୍କରା ଆମ ପାଇଁ ହାନିକାରକ, ଯାହା ମଧୁମେହ ଓ ମେଦବୃଦ୍ଧିର କାରଣ। ତେବେ ଏହି ନୂଆ ଅଧ୍ୟୟନରୁ ଅଲଝିମର୍ସ ସହ ଶର୍କରାର ସମ୍ପର୍କ ଜଣାପଡ଼ିବା ପରେ ଆମକୁ ଖାଦ୍ୟରେ ଶର୍କରା ନିୟନ୍ତ୍ରଣ କରିବା ଉଚିତ ବୋଲି ଡା.ଓମାର୍ କସାର୍ କହିଛନ୍ତି। ଅଲଝିମର୍ସରେ ଅସାମାନ୍ୟ ପ୍ରୋଟିନ ମସ୍ତିଷ୍କରେ ଧାତୁ ରୂପେ ଜମା ହୋଇଯାଏ, ଯାହା ମସ୍ତିଷ୍କର କ୍ଷତି କରିବା ସହିତ ସ୍ମୃତିଶକ୍ତି ପତନ ଭଳି ସାଙ୍ଘାତିକ ସ୍ଥିତି ଉପୁଜାଇ ଥାଏ।



ଗବେଷକମାନେ ଅଲଝିମର୍ସ ଥିବା ଓ ନଥିବା ୩୦ ରୋଗୀଙ୍କ ମସ୍ତିଷ୍କ ନମୁନା ବ୍ୟବହାର କରିଥିଲେ। ରକ୍ତରେ ଉଚ୍ଚ ଗ୍ଲୁକୋଜ୍ ସ୍ତର ଦ୍ୱାରା ହୋଇଥିବା ପରିବର୍ତ୍ତନର ପରୀକ୍ଷା କରିଥିଲେ, ଯାହାକୁ ପ୍ରୋଟିନ ଗ୍ଲାଇକେସନ୍ କୁହାଯାଏ ଅଲଝିମର୍ସର ପ୍ରାଥମିକ ଅବସ୍ଥାରେ ଗ୍ଲାଇକେସନ ଏମଆଇଏଫ (ମାକ୍ରୋଫେଜ ମାଇଗ୍ରେସନ ଇନହିବିଟୋରୀ ଫ୍ୟାକ୍ଟର) ନାମକ ଏନଜାଇମର କ୍ଷତି କରିଥିବା ସେମାନେ ଜାଣିବାକୁ ପାଇଲେ। ପ୍ରତିରକ୍ଷା ପ୍ରତିକ୍ରିୟା ଓ ଇନସୁଲିନ ନିୟନ୍ତ୍ରଣରେ ତାର ଭୂମିକା ରହିଛି। ଗ୍ଲିଆ ନାମକ ମସ୍ତିଷ୍କ କୋଷିକାର ପ୍ରତିକ୍ରିୟା ସହ ଏମଆଇଏଫ ଜଡ଼ିତ, ଯରାହା ଅଲଝିମର୍ସ ରୋଗ ସମୟରେ ମସ୍ତିଷ୍କରେ ଅସାମାନ୍ୟ ପ୍ରୋଟିନ ସୃଷ୍ଟି କରିଥାଏ। ତେଣୁ ଏଥିଣୁ ଜଣାପଡ଼ିଲା ଯେ ଅଲଝିମର୍ସ ବୃଦ୍ଧି ସହିତ ଏନଜାଇମ୍ ଗୁଡ଼ିକର



ଗ୍ଲାଇକେସନ ବୃଦ୍ଧିପାଏ। ଅଲଜିମର୍ସର ପ୍ରାଥମିକ ଅବସ୍ଥାରେ ଏହି ଏନଜାଇମ ବ୍ୟକ୍ତି ମସ୍ତିଷ୍କରେ ଗ୍ଲୁକୋଜ୍ ଦ୍ୱାରା ପରିବର୍ତ୍ତନ ହୋଇଥିବା ବାଥ୍ ୟୁନିଭର୍ସିଟିର ବାୟୋଲୋଜି ଓ ବାୟୋକେମେଷ୍ଟ୍ରି ବିଭାଗର ଜିନ୍ ଭାନ୍ ଡେନ୍ ଏଲସେନ କହିଛନ୍ତି।

# ଶିଶୁ ପାଇଁ ମାଲିସ



ମାଲିସ ଦ୍ୱାରା ନବଜାତ ଶିଶୁର ଶାରୀରିକ୍ ବିକାଶ ଓ ଅଭିବୃଦ୍ଧି ଘଟେ। ମାଂସପେଶୀ, ଅସ୍ଥି ମଜଭୁତ ହଏ। ଚର୍ମ କୋମଳ ହୁଏ ଏବଂ ଚର୍ମଜନିତ ରୋଗ, ବିକୃତି ଆଶଙ୍କା କମେ। ମାଆ ଓ ଶିଶୁ ମଧ୍ୟରେ ମାନସିକ ଆକର୍ଷଣ ବଢ଼େ। ଶିଶୁର ମାଲିସ ସମୟରେ କେତେକ ନିର୍ଦ୍ଦିଷ୍ଟ ଦିଗ ପ୍ରତି ସଚେତନତା ଜରୁରୀ। ଜନ୍ମର କୋଡ଼ିଏ ଦିନ ପରେ ମାଲିସ କରନ୍ତୁ। ପ୍ରଥମେ ଧୀରେ, ହାଲୁକା ମାଲିସ କରିବା ୂଚିତ। ସାକଳେ, ସନ୍ଧ୍ୟାରେ ମଶଲିସ କରିପାରିବେ। ଏହା ଦ୍ୱାରା ଶିଶୁ ଆରାମ ଓ ଆନନ୍ଦ ପାଏ। ସହଜରେ ନିଦ ଆସିଯାଏ। ଶିଶୁକୁ ଖୁଆଇବା ପରେ ସଙ୍ଗେ ସଙ୍ଗେ ମାଲିସ କରନ୍ତୁ ନାହିଁ। ଏହା ଦ୍ୱାରା ବାନ୍ତି ହୋଇପାରେ। ଭିଟାମିନ୍ ଡି କିମ୍ବା ଇ ଯୁକ୍ତ ତୈଳ ଦ୍ୱାରା ମାଲିସ କରିବା ଭଲ। ଖୋଲା ସ୍ଥାନ, କଅଁଳିଆ ସୂର୍ଯ୍ୟକିରଣ ପଡ଼ିଥାବ ସ୍ଥାନରେ ଶିଶୁକୁ ଗୋଡ଼ରେ ଶୁଆଇ ମାଲିସ କରନ୍ତୁ। ଦୁଇ ହାତରେ ତେଲ ନେଇ ଛାତି, ବେକ ଆଦିରେ ଘଷନ୍ତୁ। ପେଟା ମାଲିସ କରୁଥିବା ବେଳେ ଅଧିକ ସାବଧାନ ରୁହନ୍ତୁ। କାନ୍ଧରୁ କହୁଣି ଓ ବଳାଗଣ୍ଠିଯାଏ ମାଲିସ କରନ୍ତୁ। ଜଂଘରୁ ଆଣ୍ଠୁ ପର୍ଯ୍ୟନ୍ତ ଓ ଆଣ୍ଠୁରୁ ପାଦଯାଏ ଅଙ୍ଗୁଳି ଟିପ ଦ୍ୱାରା ଘଷନ୍ତୁ। ପିଠି ମାଲିସ ସମୟରେ ଶିଶୁକୁ ପେଟେଇ ଶୁଆଇ ଦିଅନ୍ତୁ। ଶିଶୁର ମେରୁଦଣ୍ଡ ଅସ୍ଥି ଖୁବ୍ କୋମଳ ଏଣୁ ଅତି ଧୀରେ ଘଷନ୍ତୁ। ଅସୁସ୍ଥ ଥିବା ସମୟରେ ମାଲିସ କରନ୍ତୁନାହିଁ।

# ବିରଳ ଯମଜ ମନ୍ଦିର ଗନ୍ଧରାଡ଼ୀ



ବୌଦ୍ଧ ସହର ଠାରୁ ୧୫ କିଲୋମିଟର ଦୂରରେ ମହାନଦୀ କୂଳରେ ଅବସ୍ଥିତ ମନ୍ଦିର ପ୍ରକୃତରେ ଦୁଇଟି ମନ୍ଦିରର ସମାହାର ଯାହାକୁ ଦ୍ୱୈତ ମନ୍ଦିର ବା ଯମଜ ମନ୍ଦିର କୁହାଯାଏ ଏବଂ ତତ୍କାଳୀନ ଭଞ୍ଜ ବଂଶୀୟ ବୌଦ୍ଧ ରାଜାଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା। ଗୋଟିଏ ଆଧାର ଶୀଳା ଉପରେ ନିର୍ମିତ ହରି ଓ ହରଙ୍କ ଏଭଳି ଦ୍ୱୈତ ମନ୍ଦିର ସମଗ୍ର ଭାରତରେ ଏକ ବିରଳ ମନ୍ଦିର।

ପର୍ଯ୍ୟଟନ କଥା ଭାବିବା ବେଳେ ଯଦିଓ ବେଳାଭୂମି, ହିଲ ଷ୍ଟେସନ, ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଅଥବା ଇକୋ-କଟେଜ, ବୋଟ୍ ହାଉସ ଇତ୍ୟାଦି କଥା ମନକୁ ଆସେ ତଥାପି ଓଡ଼ିଶାରେ ମନ୍ଦିରକୁ ବାଦ ଦେଇ ପର୍ଯ୍ୟଟନ କଥା କେବେ ଚିନ୍ତା କରାଯାଇନପାରେ। ବୌଦ୍ଧର ଗନ୍ଧରାଡୀ ମନ୍ଦିର ହେଉଛି ଏକ ପ୍ରାଚୀନ ଏବଂ ବିରଳ ମନ୍ଦିର। ନବମ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିର ତତ୍କାଳୀନ ବୌଦ୍ଧ ରାଜ୍ୟର ରାଜଧାନୀ ଏବଂ ଅଧୁନା ଜଗତି ଗ୍ରାମରେ ଅବସ୍ଥିତ। ଏହି ସ୍ଥାନର ପ୍ରାଚୀନ ନାମ ଗନ୍ଧରାଡୀ ଅନୁସାରେ ମନ୍ଦିରର ନାମ ମଧ ଗନ୍ଧରାଡୀ ରହିଛି। ଗୋଟିଏ ଆଧାର ଶୀଳା ଉପରେ ନିର୍ମିତ ହରି ଓ ହରଙ୍କ ଏଭଳି ଦ୍ୱୈତ ମନ୍ଦିର ସମଗ୍ର ଭାରତରେ ଏକ ବିରଳ ମନ୍ଦିର। କାରଣ ଏଭଳି ଗୋଟିଏ ଆଧାର ଶୀଳାରେ ଉଭୟ ହରି ଏବଂ ହରଙ୍କ ମନ୍ଦିର ସାଧାରଣ ଭାବେ ଅନ୍ୟତ୍ର ଦେଖାଯାଏ ନାହିଁ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଦ୍ୱାରା ସଂରକ୍ଷିତ ଏହି ଯମଜ ମନ୍ଦିର ବର୍ତ୍ତମାନ ଚାରିଶମ୍ଭୁ ନାମରେ ମଧ ନାମିତ। ୨୦.୮୭୪୯୮୨° ଉତ୍ତର ଅକ୍ଷାଂଶ ଏବଂ ୮୪.୨୦୫୩୮୦° ପୂର୍ବ ଦ୍ରାଘିମାରେ ଅବସ୍ଥିତ ଏହି ମନ୍ଦିରରେ ଉଚ୍ଚ କୋଟୀର ପ୍ରାଚୀନ ସ୍ଥାପତ୍ୟ କାରୁକାର୍ଯ୍ୟ ଦେଖିବାକୁ ମିଳେ ଏବଂ ଦୁଇଟି ଯାକ ମନ୍ଦିରର ନିର୍ମାଣ ଶୈଳୀ ଅବିକଳ ସମାନ। ଏହି ମନ୍ଦିର ଆଉ ଗୋଟେ ଦୃଷ୍ଟିରୁ ମଧ ବିରଳ କାରଣ ଶିବ ମନ୍ଦିର ଚୂଡାରେ ଲିଙ୍ଗ ସ୍ଥାନିତ ହୋଇଛି, ହେଲେ ଅନ୍ୟ କୌଣସି ଶିବ ମନ୍ଦିର ଚୂଡାରେ ଲିଙ୍ଗ ସ୍ଥାନିତ ହେବାର ନଜିର ନାହିଁ। ଏଠାରେ ଭଗବାନ ଶିବ ସିଦ୍ଧେଶ୍ୱର ଏବଂ ଭଗବାନ ବିଷ୍ଣୁ ନୀଳମାଧବ ଭାବେ ନାମିତ। ଆଧୁନିକ କୋଳାହଳମୟ ପରିବେଶଠାରୁ ଦୂରରେ ଶାନ୍ତ, ନିରୋଳା, ଆଧାତ୍ମିକ ପର୍ଯ୍ୟଟନର ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ପ୍ରାୟ ୧୨ ଶହ ବର୍ଷ ପୂର୍ବେ ନିର୍ମିତ ଏହି କୀର୍ତ୍ତି ବେଶ ଆକୃଷ୍ଟ କରିଥାଏ।

# ଅଗ୍ନିମାନ୍ଦ୍ୟ: କାରଣ ଓ ଆୟୁର୍ବେଦ ଉପଚାର

ଅନୁଚିତ ଖାଦ୍ୟ, ଅସମୟରେ ଭୋଜନ, କଞ୍ଚା ବା ଅଧା ସିଝା ଖାଦ୍ୟ, ଅତ୍ୟଧିକ ଭୋଜନ, ଅନିଦ୍ରା ଥଣ୍ଡା, ଗରିଷ୍ଠ ଓ ଶୁଖିଲା ଖାଦ୍ୟ, କମ୍ ଜଳ ସଚେନ, ଦୀର୍ଘସ୍ଥାୟୀ ରୋଗ, ମଳ-ମୂତ୍ରର ବେଗରୋଧ, କଫବର୍ଦ୍ଧକ ଖାଦ୍ୟ, ଈର୍ଷା, ଭୟ, ଶୋକ, ଲୋଭ ଆଦି ଦ୍ୱାରା ପାଚକାଗ୍ନି ଦୁର୍ବଳ ବା ମନ୍ଦ ହୁଏ। ଏହା ଅଗ୍ନିମାନ୍ଦ୍ୟର କାରଣ। ଭୋକ ନହେବା ବା କମ୍ ହେବା, ପାଟି ମିଠା ଲାଗିବା, ବାନ୍ତି ଲାଗିବା କିମ୍ବା ବାନ୍ତି ହେବା, ପେଟ ଫାମ୍ପିବା, କୋଷ୍ଠକାଠିନ୍ୟ, ପେଟ ଦରଜ, ଅରୁଚି, ଅମ୍ଳ ହାକୁଟି, ଶରୀର ଓଜନିଆ ଲାଗିବା, ଆଖି ପତା ଓ ମୁହଁ ଫୁଲିବା, କ୍ଲାନ୍ତି, ଆଳସ୍ୟ, ଦେହହାତ ଘୋଳବିନ୍ଧା ହେବା, ଦୁର୍ବଳତା, ମୁଣ୍ଡ ବୁଲାଇବା ଆଦି ଅଗ୍ନିମାନ୍ଦ୍ୟର ଲକ୍ଷଣ। ଏ ପରି ଲକ୍ଷଣ ପ୍ରକାଶ ପାଇଲେ ଆୟୁର୍ବେଦ ଉପଚାର କରନ୍ତୁ, ଉପଶମ ମିଳିବ।

- ଖାଇବାର ଠିକ୍ ପୂର୍ବରୁ ସୈନ୍ଧବ ଲବଣ ସହ ଖଣ୍ଡେ ଅଦା ଚୋବାନ୍ତୁ।
- ଅଧା ଚାମଚ ଅମୃତଭଣ୍ଡା କ୍ଷୀରରେ ଚିନି ଫେଣ୍ଟି ଖାଦ୍ୟ ଖାଇବା ପୂର୍ବରୁ ଖାଆନ୍ତୁ।





- ଏକ ଚାମଚ ଜୁଆଣିର ଚଉଠ ଭାଗ ସୈନ୍ଧବ ଲବଣ ସହ ଗୁଣ୍ଡ କରନ୍ତୁ। ଉଷୁମ ପାଣିରେ ଫେଣ୍ଟି ସକାଳେ ଓ ସନ୍ଧ୍ୟାରେ ସମାନ ଭାଗ କରି ସେବନ କରନ୍ତୁ।
- ଅଗ୍ନିତୁଣ୍ଡୀ ବଟି, ...ନୁମାର ରସ, ହିଙ୍ଗାଷ୍ଟକ ... ଶିବାକ୍ଷାର ପାଚନ ଚୂର୍ଣ୍ଣ, ...ଗ ଭାସ୍କର ଚୂର୍ଣ୍ଣ ଆଦି ...ସ୍ତକଙ୍କ ପରାମର୍ଶ କ୍ରମେ ...ନ କରନ୍ତୁ।
- ସହଜରେ ହଜମ ହୋଇ ପାରୁଥିବା ଖାଦ୍ୟ ଯଥା-ପରୁଣା ଚାଉଳ, ମୁଗ, ବଥୁଆ, ମୂଳା, ଧନିଆପତ୍ର, ପୋଟଳ, ଶଜନା ଛୁଇଁ, ଅଁଳା, ଲେମ୍ବୁ ଆଦି ଖାଆନ୍ତୁ।

# ମାତ୍ରାଧିକ କେଶ ଝଡୁଛି କି ?: ଦୈନିକ ଖାଆନ୍ତୁ ଏହି ସବୁ ଖାଦ୍ୟ



ଆଜିକାଲି କେଶ ଝଡ଼ିବା ସମସ୍ୟା ପ୍ରାୟ ସମସ୍ତଙ୍କର। କେଶ ଝଡ଼ିବାର ଅନେକ କାରଣ ଥାଏ। ଅତ୍ୟଧିକ ପ୍ରଦୂଷଣ, ହରମୋନ୍ ପରିବର୍ତ୍ତନ, କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିଥାଏ। ଶରୀରର ଆଉ କିଛି ସମସ୍ୟା ହେଲେ ଯେତିକି ଚିନ୍ତା ହୋଇନଥାଏ କେଶ ଝଡ଼ିଥିଲେ କିନ୍ତୁ ଗଭୀର ମାତ୍ରାରେ ଦୁଃଖ ଲାଗିଥାଏ। କିପରି ଭାବେ ଏହି ସମସ୍ୟାକୁ ରୋକାଯାଇ ପାରିବ ସେ ବିଷୟରେ ଚିନ୍ତା କରି କରି ବେଳ ସରିଯାଏ। କେଶ ଝଡ଼ିବା ଦୁଃଖରେ ଆସି ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ। ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ। ପ୍ରୋଟିନ୍‌ର ଅଭାବରେ ହିଁ କେଶ ଝଡ଼ିଥାଏ। ତେବେ ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ। ମାତ୍ର ଏପରି କିଛି ଖାଦ୍ୟ ଅଛି, ଯାହାକୁ ଦୈନିକ ଖାଇବା ଦ୍ୱାରା କେଶ ଝଡ଼ିବା ସମସ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରେ। ଦିନକୁ ଅତି କମ୍‌ରେ ଗୋଟିଏ ପାଚିଲା କଦଳୀ ଖାଆନ୍ତୁ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଆଇରନ୍ ଅଭାବରୁ ବି କେଶ ଝଡ଼ିଥାଏ। ପାରୁଛନ୍ତି ଯଦି ସକାଳେ କିମ୍ବା ସଂଧ୍ୟାରେ ଗୋଟାଏ ସିଝା ଅଣ୍ଡା ଖାଆନ୍ତୁ। ସିଝା ଅଣ୍ଡାରେ ପ୍ରୋଟିନ୍ ରହିଛି। ଶରୀରରେ ପ୍ରୋଟିନ୍ ଭରପୂର ରହିଲେ କେଶ ଝଡ଼ିବା ସମସ୍ୟା ଦୂର ହୋଇଯିବ। ମୌସମୀ ଜୁସ୍ ପିଅନ୍ତୁ। ମୌସମ୍ବୀ ଜୁସ୍ ଉଭୟ କେଶ ଓ ତ୍ୱଚା ପାଇଁ ଭଲ ହୋଇଥାଏ। ଏହି ଜୁସ୍ ପିଇଲେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ତ୍ୱଚା ବି ଭଲ ରହିଥାଏ। କାଜୁ ବାଦାମ ଖାଇବା ବି କେଶ ପାଇଁ ଭଲ ହୋଇଥାଏ। କାଜୁ ବ୍ୟତୀତ ଆଲମଣ୍ଡ, ବାଦାମ, କିସ୍‌ମିସ୍ ଆଦି ଦୈନିକ ଖାଇଲେ କେଶ ଝଡ଼ିବା କମ ହୋଇଥାଏ।

# ଘ୍ରାଣଶକ୍ତି କମିଲେ ସ୍ମୃତି ଶକ୍ତି କମେ !

ଘ୍ରାଣଶକ୍ତି ସହ ସ୍ମୃତିଶକ୍ତିର ସମ୍ପର୍କ ରହିଛି। ଘ୍ରାଣ ଶକ୍ତିରେ ହ୍ରାସ, ସ୍ମୃତିଶକ୍ତି ହ୍ରାସର ଏକ ଲକ୍ଷଣ ହୋଇପାରେ। ଏ ଭଳି ବ୍ୟକ୍ତି ଭବିଷ୍ୟତରେ ଆଲଝାଇମର୍ସ ଭଳି ସ୍ମୃତି-ଶକ୍ତି ଦୋଷର ଶିକାର ହେବାର ଆଶଙ୍କା ଅଧିକ। ହାରାହାରି ଅଶୀବର୍ଷ ବୟସ୍କ ୧୪୩୦ଜଣ ମଣିଷଙ୍କ ଉପରେ ଅଧ୍ୟୟନ ଆଧାରରେ ଗବେଷକମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଏ ସମ୍ପର୍କରେ ଏକ ରିପୋର୍ଟ 'ଜେଏମଏ ନିଉରୋଲୋଜି'ରେ ପ୍ରକାଶ ପାଇଛି ଛଅଟି ଖାଦ୍ୟ-କଦଳୀ, ଚକଲେଟ, ଡାଲଚିନି, ଲେମ୍ବୁ,



ପିଆଜ ଓ ସପୁରି ଏବଂ ଛଅଟି ଅଣ ଖାଦ୍ୟ-ଗ୍ୟାସୋଲିନ, ପେଣ୍ଟଥିନର, ସାବୁନ, ଧୂମ ଟର୍ପେଣ୍ଟିନ ଓ ଗୋଲାପ ଫୁଲର ଗନ୍ଧ ବାରିବାକୁ ନେଇ ପରୀକ୍ଷା କରାଯାଇଥିଲା। ପରୀକ୍ଷା ଅବଧି ଥିଲା ସାଢ଼େ ତିନିବର୍ଷ। ଏହି ଅବଧିର ବିଭିନ୍ନ ସମୟରେ ସେମାନଙ୍କ ଘ୍ରାଣ ଶକ୍ତି ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୪ଜଣ କ୍ରମେ ଏହି ଶକ୍ତି ହରାଇବା ସହ ଆଲଝାଇମର୍ସରେ ପୀଡ଼ିତ ହେବା, ଜଣାପଡ଼ିଥିଲା। ୨୫୦ଜଣଙ୍କ ଅବସ୍ଥା କ୍ରମଶଃ ସ୍ମୃତି ଶକ୍ତି ହ୍ରାସ ଜନିତ ସଂକଟ ଆଡ଼କୁ ଯାଉଥିବା ମଧ୍ୟେ ଜଣାପଡ଼ିଥିଲା। ଅର୍ଥାତ୍, ଘ୍ରାଣଶକ୍ତି ହ୍ରାସ ପାଇବା ସହ ସ୍ମୃତି କମି କମିଯାଏ ଲକ୍ଷଣ ପ୍ରକାଶ ପାଇବା କ୍ଷଣି ଚିକିତ୍ସା ଆରମ୍ଭ କଲେ ରୋଗୀଙ୍କ ଅବସ୍ଥା ଗୁରୁତର ହୁଏନାହିଁ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୭ ନଭେମ୍ବର ୨୦୨୩, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୂଷିତ ବାୟୁ...

ପବନ ହିଁ ଜୀବନ- ଏଇ ଆପ୍ତବାକ୍ୟର ମହତ୍ତ୍ୱ ସମ୍ପ୍ରତି ଯେଉଁମାନେ ଦେଶର ରାଜଧାନୀ ସହର ଦିଲ୍ଲୀରେ ରହୁଛନ୍ତି, ସେମାନେ ଏବଂ ଯେଉଁମାନେ ବାୟୁ ପ୍ରଦୂଷଣର ଭୟାବହତାକୁ ଉପରଠାଉରିଆ ଭାବରେ ନୁହେଁ, ବରଂ ମର୍ମେ ମର୍ମେ ଅନୁଭବ କରନ୍ତି, ଭଲ ଭାବରେ ଅନୁଭବ କରି ପାରୁଥିବେ। ଜାତୀୟ ରାଜଧାନୀ ଦିଲ୍ଲୀର ପବନ ବା ବାୟୁ ଏମିତିରେ ବି ସାରା ବର୍ଷ ଅସ୍ୱାସ୍ଥ୍ୟକର ରହିଥାଏ, କାରଣ ଏଠାକାର ବାୟୁର ମାନ ସୂଚକାଙ୍କ (ଏକ୍ୟୁଆଇ) ୧୫୦ରୁ ୨୦୦ ମଧ୍ୟରେ ରହିଥାଏ। ତେବେ ଜଣାପଡ଼ିଛି ଯେ ଆଗାମୀ ଦିନମାନଙ୍କରେ ଏହା ୫୦୦ରୁ ଅଧିକ ହୋଇଯାଇପାରେ, ଯାହା ବାଦ୍ ଏକ୍ୟୁଆଇକୁ ମାପ କରାଯାଇପାରିବ ନାହିଁ। ଏମିତି ଆଶଙ୍କାର କାରଣ, ଆଗକୁ ଆସୁଛି ଦୀପାବଳି, ଯେତେବେଳେ କି ଏହି ପର୍ବ ପାଳନ ଉପଲକ୍ଷେ ଫୁଟାଯିବାକୁ ଥିବା ବାଣଗୁଡ଼ିକର ଧୂଆଁ ବାୟୁମଣ୍ଡଳକୁ ଆଚ୍ଛାଦିତ କରି ପରିସ୍ଥିତିକୁ ଆହୁରି ବିଗାଡ଼ି ଦେବ। ଏଠାକାର ପରିସ୍ଥିତିକୁ ଖରାପ କରିବା କ୍ଷେତ୍ରରେ ତାପମାତ୍ରା, ପବନର ବେଗ ଏବଂ ପବନ ବହିବାର ଦିଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶୀତ ଋତୁରେ ଏ ତିନିଗୋଟିଯାକ ମିଶି ଏକ ପରିପୂର୍ଣ୍ଣ ଝଡ଼ ସୃଷ୍ଟି କରିଥାନ୍ତି। ଦିଲ୍ଲୀରେ ଯାନବାହନର ସଂଖ୍ୟା ଢ଼େର ଅଧିକ ଏବଂ ଥର୍ ପ୍ରାକୃତିକ ଅଂଚଳ ନିକଟରେ ଏହାର ଅବସ୍ଥିତି, ଯେଉଁଥିପାଇଁ ଧୂଆଁ ସହିତ ଧୂଳିର ସମ୍ମିଶ୍ରଣ ଘଟିଥାଏ, ଏଠାକାର ପରିବେଶକୁ ଅତ୍ୟଧିକ କଷ୍ଟଦାୟକ କରି ଦେଇଥାଏ। ଏତଦ୍‌ବ୍ୟତୀତ ଏହି ନଗରୀରେ ଅଳିଆ ଆର୍ବଜନାର ପରିଚାଳନା କରାଯିବା ଆଦୌ ଆଦର୍ଶସ୍ଥାନୀୟ ନୁହେଁ। ପୁଣି ପବନର ବେଗ ସହିତ ପଡ଼ୋଶୀ ରାଜ୍ୟମାନଙ୍କୁ ଭାସି ଆସୁଥିବା ଫସଲଗୁଡ଼ିକର ଅବଶିଷ୍ଟାଂଶ ପୋଡ଼ିଜନିତ ଧୂଆଁ ନିଆଁରେ ଘିଅ ଭଳି କାମ କରିଥାଏ। ଉଦାହରଣ ସ୍ୱରୂପ, ଗତ ସପ୍ତାହର ପ୍ରଥମାର୍ଦ୍ଧରେ ଦିଲ୍ଲୀରେ ଯେତେବେଳେ ଦକ୍ଷିଣପୂର୍ବ ଦିଗରୁ ବାୟୁ ବହୁଥିଲା, ସେତେବେଳେ ଏକ୍ୟୁଆଇର ମାତ୍ରା ହାରାହାରି ୩୫୦ ଥିଲା। ବର୍ତ୍ତମାନ ପବନର ତଥାକଥିତ ପରିବହନକାରୀ ସ୍ତରର ଦିଗ ଉତ୍ତରପଶ୍ଚିମ ହୋଇଯାଇଛି, ଯେଉଁଥିପାଇଁ ଏହା ଏହାକୁ ଫସଲ ପୋଡ଼ାର ଅବଶିଷ୍ଟାଂଶଗୁଡ଼ିକ ସହିତ ଧୂଆଁକୁ ବହନ କରି ଆଣିଛି। ପରିଣତି-ଏକ୍ୟୁଆଇ ୪୦୦ ଟପି ଏବେ ୪୭୦ରେ ପହଂଚିଛି। ଏଭଳି ପରିସ୍ଥିତିରେ ଯେ କୌଣସି ପ୍ରକାରର ଚେତାବନୀ ପ୍ରଦାନକାରୀ ବ୍ୟବସ୍ଥା ତାପମାତ୍ରା, ପବନର ବେଗ ଏବଂ ଦିଗ ଉପରେ ନିର୍ଭର କରିବା ସ୍ୱାଭାବିକ। ସୂଚନାଯୋଗ୍ୟ ଯେ ତାପମାତ୍ରା ଯେତେ ଖସିବ ପ୍ରଦୂଷଣ ସେତେ ଉତ୍କଟ ହେବ। ପୁନଶ୍ଚ, ଫସଲ ପୋଡ଼ିକୁ ବାଦ୍ ଦିଆଗଲେ ମଧ୍ୟ ଦିଲ୍ଲୀର ବାୟୁମଣ୍ଡଳ ତଥାପି ଖରାପ ରହିବ, ତେବେ ଏହା ଅତି ଭୟାବହ ସ୍ତରକୁ ଯିବନାହିଁ, ଏମିତିକି ଆଉ କିଛି ବର୍ଷ ପର୍ଯ୍ୟନ୍ତ ମଧ୍ୟ ଯିବାର ସମ୍ଭାବନା ରହିବ ନାହିଁ। ଏହି ସମସ୍ୟାର ଦୁଇଗୋଟି ସ୍ତରରେ ସମାଧାନ କରାଯିବାର ଆବଶ୍ୟକତା ରହିଛି। ପ୍ରଥମ- ବର୍ଷ ସାରା ପଦକ୍ଷେପ ନିଆଯିବା ଏବଂ ଦ୍ୱିତୀୟରେ ସ୍ୱଳ୍ପକାଳୀନ ପଦକ୍ଷେପ ସମୂହ ଯାହା ଯାନବାହନ ଚଳାଚଳରେ ନିୟନ୍ତ୍ରଣ, ନିର୍ମାଣ କାର୍ଯ୍ୟ ଏବଂ ଫସଲ ପୋଡ଼ି ସହିତ ସମ୍ବନ୍ଧିତ। ରାଜ୍ୟର ଏହି ଦୁରବସ୍ଥା ପ୍ରତି ବର୍ତ୍ତମାନ ସୁଦ୍ଧା ଯାହା ପ୍ରତିକ୍ରିୟା ଦେଖିବାକୁ ମିଳିଛି, ତାହା କେବଳ ଚେତାବନୀ ଭିତରେ ସୀମିତି ରହିଥିବାବେଳେ ଯେତିକି କାର୍ଯ୍ୟ କରାଯିବା କଥା, ତାହା କରାଯାଇନାହିଁ, ଅଥବା ତ୍ରୁଟିପୂର୍ଣ୍ଣ ଭାବରେ କରାଯାଉଛି କିମ୍ବା ଉଭୟ। ଏକଥା ସତ ଯେ ପ୍ରଦୂଷଣକୁ ରୋକିବା ନିମନ୍ତେ ଅନେକଗୁଡ଼ିଏ ପଦକ୍ଷେପ ନିଆଯିବା ପରିସ୍ଥିତିକୁ ଅସମ୍ଭାଳ ହେବାରୁ କେତେକାଂଶରେ ରୋକି ପାରିଛି। ଉଦାହରଣ ସ୍ୱରୂପ, ଯାନବାହନ ନିର୍ମାତାମାନଙ୍କୁ ଯାନବାହନର ଧୂଆଁ ନିଷ୍କାସନ ପଦ୍ଧତିକୁ ଅଧିକ ଦାମିକା ଅଥଚ ସ୍ୱଚ୍ଛ ମାନର (ଭାରତ ଷ୍ଟେଜ୍ ୪) କରିବାର ବ୍ୟବସ୍ଥା ଗ୍ରହଣ ପାଇଁ ବାଧ୍ୟ କରାଯିବା। ସେହିପରି ଜାଳେଣି ଶୋଧକମାନଙ୍କୁ କମ୍ ପରିମାଣର ସଲଫର ଥିବା ଜାଳେଣି ବିକ୍ରି କରିବାକୁ ପ୍ରେରଣା ଯୋଗାଯାଇଛି ଏବଂ ଇଲେକ୍ଟ୍ରିକ୍ ଯାନବାହନ ଅଧିକ ସଂଖ୍ୟାରେ ଚଳାଇବା ନିମନ୍ତେ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଉଛି। ପୁନଶ୍ଚ, ପଞ୍ଜାବ ଏବଂ ହରିୟାନାରେ ଚାଷୀମାନଙ୍କୁ ଫସଲର ଅବଶିଷ୍ଟାଂଶ ପୋଡ଼ି ପରିତ୍ୟାଗ କରିବାକୁ ଅଧିକ ସାହାଯ୍ୟ ଏବଂ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। କିନ୍ତୁ ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ ଏସବୁ ପର୍ଯ୍ୟାପ୍ତ ନୁହେଁ। ପ୍ରମୁଖ ପ୍ରଦୂଷଣ ପ୍ରଶମନ ଉଦ୍ୟମ-ଗ୍ରେଡେଡ୍ ରେସପନସ୍ ଆକ୍ସନ ପ୍ଲାନ୍ ଏକ ଦୋଦୁଲ୍ୟମାନ ବିଫଳତାକୁ ସାମ୍ନା କରି ଆସିଛି। ଅନ୍ୟଥା ଚଳିତବର୍ଷ ଦୀପାବଳିର ବହୁ ପୂର୍ବରୁ ଦିଲ୍ଲୀର ଅବସ୍ଥା ଏତେ ଖରାପ ହୋଇନଥାନ୍ତା। ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣଜନିତ ସମାଧାନଗୁଡ଼ିକ ପାଇଁ ପ୍ରକୃଷ୍ଟ ଧାରଣାର ଅଭାବ ରହିଛି କିମ୍ବା ଯେଉଁମାନଙ୍କ ନିକଟରେ ପ୍ରକୃଷ୍ଟ ସମାଧାନର ଧାରଣା ରହିଛି, ସେମାନଙ୍କ କଥା ପ୍ରତି କର୍ଣ୍ଣପାତ କରାଯାଉନାହିଁ। ପ୍ରଦୂଷଣର ଭୟାବହ ଦୀର୍ଘକାଳୀନ ପରିଣତିଗୁଡ଼ିକ ସମ୍ପର୍କରେ ରାଜନୀତିକ ଶ୍ରେଣୀ ହୁଏତ ସଚେତନ ନଥିବା ଭଳି ବା ପର୍ଯ୍ୟାପ୍ତ ସଚେତନ ଥିବା ଭଳି ମନେହୁଏ ନାହିଁ।

# ଲିଭର କ୍ୟାନସରରୁ ମୁକ୍ତି



ଉମେଶ ଚନ୍ଦ୍ର ପାତ୍ର

ଆଜି ବିଶ୍ୱ କର୍କଟ ନିରୋଧ ଦିବସ। ସମଗ୍ର ବିଶ୍ୱରେ ପ୍ରତିବର୍ଷ ବୟାଅଶୀ ଲକ୍ଷ ଲୋକ କର୍କଟ ରୋଗରେ ମୃତ୍ୟୁ ବରଣ କରିଥାନ୍ତି ଓ ଏଥି ମଧ୍ୟରୁ ଚାଳିଶ ଲକ୍ଷ ଲୋକ ଅଳ୍ପ ବୟସରେ (୩୦ରୁ ୪୦ବର୍ଷ) ପ୍ରାଣ ହରାଇଥାନ୍ତି। କର୍କଟ ରୋଗର ନିର୍ଣ୍ଣୟ, ଚିକିତ୍ସା, ନିରାକରଣ, ସଚେତନତା ଓ ଗବେଷଣା ନିମିତ୍ତ ୪ ଫେବୃଆରୀକୁ ବିଶ୍ୱର ସର୍ବତ୍ର କର୍କଟ ଦିବସ ରୂପେ ପାଳନ କରିବା ପାଇଁ ୨୦୦୦ ମସିହା ପ୍ୟାରିସ୍ ସମ୍ମିଳନୀରେ ବିଶ୍ୱ କର୍କଟ ସଙ୍ଗଠନ ସିଦ୍ଧାନ୍ତ ନେଇଥିଲା ଓ ୨୦୨୫ ମସିହା ସୁଦ୍ଧା ସମଗ୍ର ବିଶ୍ୱରେ କ୍ୟାନସର ରୋଗକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ରୂପେ ଧାର୍ଯ୍ୟ କରାଯାଇଅଛି। ବିଭିନ୍ନ ପ୍ରକାର (ଏକଶତ) କର୍କଟ ବ୍ୟାଧି ମନୁଷ୍ୟକୁ ଆକ୍ରାନ୍ତ କରେ। ଦେଶ, ଜାତି, ବର୍ଣ୍ଣ ଓ ବୟସର ସମସ୍ତ ସୀମାକୁ ଅତିକ୍ରମ କରି ଏହି ବ୍ୟାଧି ସମଗ୍ର ମନୁଷ୍ୟ ସମାଜ ପାଇଁ ମୃତ୍ୟୁର ଏକ ଭୟାବହ ବିଭୀଷିକା ରଚନା କରିଅଛି। ପୁରୁଷମାନେ ସାଧାରଣତଃ ଫୁସ୍‌ଫୁସ୍ କ୍ୟାନସର, ପ୍ରୋଷ୍ଟେଟ୍ କ୍ୟାନସର, ବୃହଦାନ୍ତ୍ର କ୍ୟାନସର ଓ ପାକସ୍ଥଳୀ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି। ମହିଳାମାନେ ସ୍ତନ କ୍ୟାନସର, ବୃହଦାନ୍ତ୍ର କ୍ୟାନସର, ପିତ୍ତକୋଷ କ୍ୟାନସର, ଜନନେନ୍ଦ୍ରିୟ କ୍ୟାନସର ଓ ଫୁସ୍‌ଫୁସ୍ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି। ପିଲାମାନେ ସାଧାରଣତଃ ରକ୍ତ କ୍ୟାନସର, ମସ୍ତିଷ୍କ ଟ୍ୟୁମର ଓ ଲିମ୍ଫୋମାରେ ଆକ୍ରାନ୍ତ ହୁଅନ୍ତି। ଚର୍ମ କ୍ୟାନସର ସଂଖ୍ୟା ମଧ ଧୀରେ ଧୀରେ ବୃଦ୍ଧି ପାଉଛି। ବୟସର ବୃଦ୍ଧି ସଙ୍ଗେ ସଙ୍ଗେ କ୍ୟାନସର ରୋଗୀଙ୍କର ସଂଖ୍ୟା ମଧ ବଢ଼ିଥାଏ।

ଯକୃତ କର୍କଟ ଏକ ମାରାତ୍ମକ ରୋଗ। କିନ୍ତୁ ଏହି ମାରାତ୍ମକ ବ୍ୟାଧିକୁ ମଧ ବହୁକାଂଶରେ ନିରାକରଣ କରାଯାଇପାରିବ। ପ୍ରତିବର୍ଷ ସମଗ୍ର ପୃଥିବୀରେ ଛଅ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି। ମହିଳା ମାନଙ୍କ ଅପେକ୍ଷା ପୁରୁଷ ମାନଙ୍କ ଭିତରେ ଏହି ରୋଗର ପ୍ରାଦୁର୍ଭାବ ବେଶୀ ଭାବରେ ଦେଖାଯାଏ। ପୁରୁଷ ମାନଙ୍କ ଭିତରେ ଏହା ପଞ୍ଚମ ସ୍ଥାନରେ ଓ ମହିଳା ମାନଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍ ବି ୮୦ ପ୍ରତିଶତ ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫ ପ୍ରତିଶତ ହେଉଛି ଲିଭର କ୍ୟାନସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି, ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଡାଇବେଟିସ୍ ଓ ଆଫ୍‌ଲା ଟକ୍ସିନ୍ ସେବନ ମାଧ୍ୟମରେ ଲିଭର କ୍ୟାନସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହ କଣା ଜମିବା), ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତି ମାନଙ୍କୁ ମଧ ଏହି କ୍ୟାନସର ରୋଗ ହୁଏ। ଏହି କାରଣ ଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବି ଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣଃ ଦୁଇରୁ ସାତ ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖାଯାଏ। ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ଅଛନ୍ତି। ଏମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଦେଖାଗଲେ ମଧ ପରବର୍ତ୍ତୀ କାଳରେ (୧୫-୨୦ବର୍ଷ ପରେ) ଏମାନେ ଯକୃତ ସିରୋସିସ୍ ଓ ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୁଅନ୍ତି। ହେପାଟାଇଟିସ୍ ବି ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏବେ ବଡ଼ ଆହ୍ୱାନ।

ପରିବେଶ ପ୍ରଦୂଷଣ ହିଁ କ୍ୟାନସର ରୋଗର ମୁଖ୍ୟ କାରଣ (୯୦ରୁ ୯୫%)। ୫ରୁ ୧୦% କର୍କଟ ରୋଗ ବାପା ମାଆଙ୍କ ପାଖରୁ ପିଲାମାନଙ୍କୁ ଆସିଥାଏ। ଧୂମପାନ (୨୫-୩୦%), ଅତ୍ୟଧିକ ଖାଦ୍ୟ ଖାଇବା ଓ ମୋଟା ହେବା (୩୦-୩୫%), ସଂକ୍ରମଣ (୧୫-୨୦%), ଆଣବିକ ବିକୀରଣ (୧୦%), ମଦ୍ୟପାନ (୧୦%), ଶାରୀରିକ ପରିଶ୍ରମ ନକରିବା, ଇତ୍ୟାଦି କ୍ୟାନସର ରୋଗର ମୁଖ୍ୟ କାରଣ। ଧୂମପାନ ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ (୯୦%)। ଏହାବାଦ୍ ସ୍ୱରଯନ୍ତ୍ର କ୍ୟାନସର, ପାକସ୍ଥଳୀ କ୍ୟାନସର, ପରିସ୍ରାଥଳି କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର ଓ ଅଗ୍ନ୍ୟାଶୟ କ୍ୟାନସର ମଧ ଧୂମପାନ ଯୋଗୁଁ ହୋଇଥାଏ। ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହା ଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। ମଦ୍ୟପାନ କ୍ୟାନସର ରୋଗର ଅନ୍ୟ ଏକ କାରଣ। ମୁଖ୍ୟତଃ ଏହା ଯକୃତ କ୍ୟାନସର ଓ ଖାଦ୍ୟନଳୀ କ୍ୟାନସର କରିଥାଏ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି (୨-୨୦%)। ପ୍ରତିବର୍ଷ ଦୁଇ ଲକ୍ଷ ବ୍ୟକ୍ତି କଳକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ ଓ ଟୋବେନ୍‌ଜିନ୍ ଦ୍ୱାରା ରକ୍ତ କ୍ୟାନସର ହୁଏ।

ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସର ମଧ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ ନିରାକରଣ କରାଯାଇ ପାରିବ। ରକ୍ତବ୍ୟାଙ୍କ ମାନଙ୍କରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିହ ସଂକ୍ରମଣକୁ ମଧ ନିୟନ୍ତ୍ରଣ କରାଯାଇପାରିବ। ହେପାଟାଇଟିସ୍ ବି ଓ ସି ପାଇଁ ବିଭିନ୍ନ ପ୍ରକାର ସଫଳ ଔଷଧ (ଏଣ୍ଟିଭାଇରାଲ୍) ବଜାରରେ ଉପଲବ୍ଧି ହେଲାଣି ଯାହା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିର ସଂକ୍ରମଣକୁ ପ୍ରତିହତ କରିହେବ। ଡାଏବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍‌ଲାଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନସର ବ୍ୟାପେ, ତାହାକୁ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମକ ରୋଗକୁ ମଧ ନିୟନ୍ତ୍ରଣ କରାଯାଇପାରିବ। ଲିଭର କ୍ୟାନସରକୁ ପ୍ରାଥମିକ ଅବସ୍ଥାରୁ ସଚେତନ ହୋଇ ଚିକିତ୍ସାକୁ ତ୍ୱରାନ୍ୱିତ କଲେ ଏହା ଆରୋଗ୍ୟସାଧ ହୋଇପାରିବ। ଜୀବନକୁ ଏକ ଆଧାତ୍ମିକ ଦୈନନ୍ଦିନୀ ଭିତରେ ଏକ ସୁସଂଯତ ରୁଟିନ ଜୀବନ ଭିତରେ ଅତିବାହିତ କରିପାରିଲେ ଏହା ଆପଣଙ୍କ ପାଇଁ କଷ୍ଟଦାୟକ କିମ୍ବା ଯନ୍ତ୍ରଣାସିକ୍ତ ହେବନାହିଁ। ଆପଣଙ୍କ ଖାଦ୍ୟପଦାର୍ଥରେ ସୁଷମ ଖାଦ୍ୟ, ସବୁଜ ପନିପରିବା ଓ ନିରାମିଷ ଖାଦ୍ୟ ସବୁଠାରୁ ଗ୍ରହଣୀୟ। ଆମିଷ ଓ ନିଶାଦ୍ରବ୍ୟ ଠାରୁ ଯଥା ସମ୍ଭବ ଦୂରେଇବା ଭଲ। ଆହାର ସହିତ ବିଶ୍ରାମ ଓ ଯୋଗ ପ୍ରାଣାୟମ ଖୁବ ଭଲ। ବାହାର ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ ଜୀବନକୁ ସବୁବେଳେ ଏକ ଆନନ୍ଦମୟ ଓ ଚାପରୁ ମୁକ୍ତ ରଖି ଗଢ଼ି ତୋଳିଲେ ଏହା ଆପଣଙ୍କ ପାଇଁ ଏବଂ ଅନ୍ୟ ମାନଙ୍କ ପାଇଁ ଖୁସି ଓ ଆନନ୍ଦର ସଞ୍ଜିବନୀ ପାଲଟିବ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ଆଜୀବନ ସ୍ୱାଧୀନତା ସଂଗ୍ରାମୀ ମା'ଅନ୍ନପୂର୍ଣ୍ଣା



ମୀରା ବେଉରା

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଅତିପିଲାଟି ଦିନରୁ ଅନେକ ବିପ୍ଳବ, ଆନ୍ଦୋଳନ, ପାରିବାରିକ ଓ ସାମାଜିକ ଜୀବନର ଅସଂଖ୍ୟ ସୁଖଦୁଃଖର ଘଟଣା ପ୍ରାକୃତିକ ବିପର୍ଯ୍ୟୟର ଆନ୍ଦୋଳନ ଦୁଃଖଦ ପରିସ୍ଥିତିରେ ସମ୍ମୁଖୀନ ହୋଇ ସଂଗ୍ରାମରେ ଆଗୁଆ ସିପାହୀ ପରି ସଂଗ୍ରାମ ପ୍ରକୃତରେ ଅଭିନନ୍ଦନୀୟ। କେବଳ ଯେ ବ୍ରିଟିଶ୍ ସରକାର ଆଗରେ ବନ୍ଧୁକ ମୁହଁରେ ଠିଆ ହୋଇ ସେ ଯେ ଗାନ୍ଧିବାଦୀ ଓ ଅହିଂସା ସଂଗ୍ରାମର ସିପାହୀ ବୋଲି କେବଳ କହିଲେ ଠିକ୍ ହେବ ନାହିଁ, ଜୀବନର ପ୍ରତି କ୍ଷେତ୍ରରେ ଜାତି, ଧର୍ମ, ଭାଷାର ମୁହାଁମୁହିଁ ସଂଘର୍ଷବେଳେ ଛାତ୍ର ଆନ୍ଦୋଳନ ହେଉ ବା ନିଶାନିବାରଣର ଆନ୍ଦୋଳନ ହେଉ ଘରେ ଓ ବାହାରେ ସମସ୍ତଙ୍କର ଆଗରେ ପ୍ରକୃତ ସତ କହିବାର ସତ୍‌ସାହସ ଥିଲା ଏହି ଅନନ୍ୟ ପ୍ରତିଭାଙ୍କ ପାଖରେ। ସହିଷ୍ଣୁତାର ମୂର୍ତ୍ତିମନ୍ତ ଅବତାର ଥିଲେ ସେ। କୌଣସି ସଂସ୍ଥାରେ ଲିଖିତ ନାମ ନଥାଇ ଅଧିକ କାମ ସମ୍ପାଦନ କରୁଥିଲେ। ୨୦୦୩ରେ ଭାରତର ରାଷ୍ଟ୍ରପତି ତାଙ୍କୁ ଦିଲ୍ଲୀରେ ସ୍ୱାଧୀନତା ସଂଗ୍ରାମୀ ଗୌରବ ଦେଇଥିଲେ। ତାଙ୍କର ତ୍ୟାଗ, ତପସ୍ୟା, ସଂଗ୍ରାମର ଫଳ ପ୍ରକୃତରେ ଅବର୍ଣ୍ଣନୀୟ। ଲକ୍ଷ ଲକ୍ଷ ନରନାରୀ ଯୁବକ ଯୁବତୀ ଯଦି ତାଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ତାଙ୍କରି ଆଦର୍ଶରେ ଗଢ଼ା ହୋଇ ଦେଶର ମାନ ବଢ଼ାଇବେ ତାହା ହିଁ ହେବ ମା'ଙ୍କ ପ୍ରତି ଆମର ପ୍ରକୃତ ଭଲ ପାଇବା। ସାହିତ୍ୟ ଏକାଡେମୀ ସହ ଅନ୍ୟ କେତେକ ବିଶିଷ୍ଟ ସ୍ଥାନରୁ ତାଙ୍କ ଲେଖା ଓ ସମାଜସେବା ପାଇଁ ତାଙ୍କୁ ଅନେକ ପୁରସ୍କାର ମିଳିଛି।

ଡେଲାଙ୍ଗର ବିରାଟ ଗାନ୍ଧିସେବା ସଂଘ ସମ୍ମିଳନୀ, ଗାନ୍ଧିଜୀଙ୍କ ପ୍ରସିଦ୍ଧ ହରିଜନ ପଦଯାତ୍ରା, ଲୁଣମରା ଆନ୍ଦୋଳନ, ଅନୁଗୁଳ ଓ ପୁରୀର ବିରାଟ ସର୍ବୋଦୟ ସମ୍ମିଳନୀ, ବିନୋବାଭାବେଙ୍କର ପ୍ରସିଦ୍ଧ ଭୂଦାନ ପଦଯାତ୍ରା ଆଦିର ଆଜୀବନ କର୍ମୀ ଥିଲେ ମା' ଅନ୍ନପୂର୍ଣ୍ଣା। ପିଲାଦିନଠାରୁ ଆରମ୍ଭ କରି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆଖି ସାମ୍ନାରେ ଗୁଳିରେ ଟଳିପଡ଼ିବା ଦେଖି ନିଜର ଅନେକ ଆତ୍ମୀୟ ସ୍ୱଜନଙ୍କୁ ହରାଇଥିଲେ ମଧ ଅନେକ ଦୁଃଖଦ, ପରିସ୍ଥିତି, ଆଘାତ, ଓଡ଼ିଶାର ବନ୍ୟା, ବାତ୍ୟା, ମହାମାରୀ, ଦୁର୍ଭିକ୍ଷ ବେଳର ନିଦାରୁଣ ପରିସ୍ଥିତି ସର୍ବୋପରି ମହାତ୍ମାଗାନ୍ଧୀଙ୍କ ଦେହାବସାନ ଆଦି ଦୁଃଖଦ ଘଟଣା ତାଙ୍କୁ ଏତେ ମଜଭୁତ କରିଦେଇଛି ଯେ କୌଣସି ସାମାନ୍ୟ ଘଟଣାରେ ସେ ଆଉ ବିଚଳିତ ହୋଇପଡ଼ନ୍ତି ନାହିଁ। ବିନୋବାଜୀ ତାଙ୍କୁ ଗାନ୍ଧୀ କନ୍ୟା ବୋଲି ସ୍ୱୀକାର କରିଛନ୍ତି। ନିଜ ସୁଖ, ସ୍ୱାଚ୍ଛନ୍ଦ ପ୍ରତି ଆଦୌ ଦୃଷ୍ଟି ନ ଦେଇ ଅତିଦୟନୀୟ ରୋଗୀଙ୍କୁ ସେ ଆରୋଗ୍ୟ କରି ତା' ମୁହଁରେ ହସଭରି ଦେଉଥିଲେ। ତାଙ୍କର ଆଖିର ଚାହାଣୀରେ ଯେଉଁଭଳି ଚୁମ୍ବକର ଆକର୍ଷଣ ଥିଲା। ହାତର ସ୍ପର୍ଶ ମଧ କାଉଁରୀ କାଠିର ସ୍ପର୍ଶ ଭଳି ଶକ୍ତ ଥିଲା। ଉଚ୍ଚଚିନ୍ତାଧାରା ଓ ସରଳ ଜୀବନଶୈଳୀକୁ ନେଇ ପରକୁ ଆପଣାର କରିବାର କଳାରେ ଧୁରନ୍ଧର ଥିଲେ ମା' ଅନ୍ନପୂର୍ଣ୍ଣା। । ରାମଚନ୍ଦ୍ରପୁରରେ ଥିଲାବେଳେ ସେ ଏବଂ ତାଙ୍କର ପରିବାର କସ୍ତୁରବା ଆଶ୍ରମରେ ସମସ୍ତଙ୍କ ପରି ସମାନ ଖାଦ୍ୟ ଖାଇ ଅତି ସରଳ ଜୀବନଯାପନ କରୁଥିଲେ। ସମାଜଠାରୁ ଏବଂ ଲୋକମାନଙ୍କଠାରୁ କମ୍ ନେଇ ତାଙ୍କୁ ବେଶୀ ଦେବାର ନିୟମକୁ ସେ ଅକ୍ଷରେ ଅକ୍ଷରେ ପାଳୁଥିଲେ। ଗାନ୍ଧୀଙ୍କ ଶିଷ୍ୟ ହୋଇ ତାଙ୍କ ନୀତି ଆଦର୍ଶକୁ ମର୍ମେ ମର୍ମେ ଅନୁଭବ କରି ସେହି ତ୍ୟାଗ ତପସ୍ୟାରେ ଦୀକ୍ଷିତ ହୋଇ ତାଙ୍କୁ ଅକ୍ଷରେ ଅକ୍ଷରେ ନିଜ କର୍ମମୟ ଜୀବନରେ ପ୍ରମାଣିତ କରିଛନ୍ତି। ସେ ନାମ, ଯଶ, ଅର୍ଥ, ପ୍ରତିଷ୍ଠା, ପ୍ରତିପତ୍ତି ପାଇଁ କେବେବି ବ୍ୟାକୁଳ ହୋଇ ବାଟ ହୁଡ଼ିନାହାଁନ୍ତି। ସେ ହିଁ ଥିଲେ ତ୍ୟାଗ, ତପସ୍ୟା, ସେବା ଓ ମମତାର ଗୋଟିଏ ନିର୍ମଳ ଭାବମୂର୍ତ୍ତି। ତାଙ୍କର ସାହିତ୍ୟକୃତି ଗୁଡ଼ିକ ହେଲା ଦସ୍ୟୁ ହୃଦୟରେ ଦେବତା, କ୍ରାନ୍ତିକାରୀ ବିନୋବା, ଗ୍ରାମଜନରୁ ରାଜ୍ୟଜନ, ସବୁ ଲୁଣ ଲୋକଙ୍କର ଦିବ୍ୟଦୀପାବଳୀ, ଅମୃତ ଅନୁଭବ ଇତ୍ୟାଦି ଇତ୍ୟାଦି।

୧୯୬୬ର କଳାହାଣ୍ଡି ଦୁର୍ଭିକ୍ଷ ହେଉବା ୧୯୬୯ର ପ୍ରଳୟଙ୍କାରୀ ବାତ୍ୟା, ୧୯୯୯ ମହାବାତ୍ୟା ହେଉ ମା' ନିଜେ ସର୍ବୋଦୟ ରିଲିଫ୍ କମିଟି ମାଧ୍ୟମରେ କାର୍ଯ୍ୟ କରୁଥିଲେ। ମା' ନିଜେ ବନାରସରେ ୧୯୫୯-୬୦ ଯାଏ ଅଖିଳ ଭାରତୀୟ ମହିଳା ଶାନ୍ତିସେନା ବିଦ୍ୟାଳୟର ପରିଚାଳିକା ଥିଲେ। ଯେତେବେଳେ ୧୯୬୪ ମସିହାରେ ରାଉରକେଲାରେ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା ସେହି ଦଙ୍ଗାକୁ ମା' ନିଜେ ପ୍ରଶମନ କଲେ। ୧୯୬୪ର ଐତିହାସିକ ଡାକ୍ତରୀ ଛାତ୍ର ଆନ୍ଦୋଳନ ହେଉ ବା ୧୯୭୧ର ବାଙ୍ଗଲାଦେଶ ମୁକ୍ତି ଆନ୍ଦୋଳନ ହେଉ ମା' ନିଜେ ସେଥିରେ ସାମିଲ ହୋଇ କାର୍ଯ୍ୟ କରିଥିଲେ। ଚମ୍ବଲ ଦସ୍ୟୁ ମାନଙ୍କୁ ମଧ ମା' ଆତ୍ମସମର୍ପଣ ପାଇଁ ପ୍ରବର୍ତ୍ତାଇ ଥିଲେ ଯାହାଦ୍ୱାରା ସେମାନେ ଜୟପ୍ରକାଶ ନାରାୟଣଙ୍କ ନିକଟରେ ଅତି ସହଜରେ ଆତ୍ମସମର୍ପଣ କରିଥିଲେ। ଯେତେବେଳେ ଇନ୍ଦିରାଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଜାରି କରି ୧୯ ମାସ ଧରି ଦେଶକୁ ଜେଲ ଖାନାରେ ପରିଣତ କରିଥିଲେ, ଅନ୍ନପୂର୍ଣ୍ଣା ଏହା ବିରୁଦ୍ଧରେ ସଂଗ୍ରାମ କରି ଲୋକମାନଙ୍କଠାରୁ ଚାନ୍ଦା ସଂଗ୍ରହ କରିଥିଲେ ଏବଂ ପ୍ରଚାରପତ୍ର ଛାପି ଲୋକମାନଙ୍କୁ ସଚେତନ କରିଥିଲେ। ୧୯୫୦ ମସିହାରେ ଅନୁଗୁଳ, ୧୯୫୫ରେ ପୁରୀ ଓ ୨୦୦୩ ମସିହାରେ କଟକରେ ଅନୁଷ୍ଠିତ ଅଖିଳ ଭାରତୀୟ ସର୍ବୋଦୟ ସମାଜ ସମ୍ମିଳନୀର ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ବ୍ରିଟିଶ୍ ସରକାର ଯେତେବେଳେ କମ୍ପାନୀ ମାନଙ୍କ ହାତରେ ଦେଶର ଲୁଣଚାଷକୁ ଟେକି ଦେଇଥିଲେ ଏହାକୁ ବିରୋଧ କରି ରାଷ୍ଟ୍ର ବ୍ୟାପୀ ଯେଉଁ କମ୍ପାନୀ ଲୁଣ ବିରୋଧି ଆନ୍ଦୋଳନ ହୋଇଥିଲା, ସେଥିରେ ମା' ଅନ୍ନପୂର୍ଣ୍ଣା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତତ୍କାଳୀନ ସରକାରଙ୍କର ଘରୋଇକରଣ, ଜଗତିକରଣ, ଉଦାରିକରଣ ନୀତି ବିରୁଦ୍ଧରେ ଯେଉଁ ଆନ୍ଦୋଳନ ହୋଇଥିଲା ସେଥିରେ ସେହି ଆନ୍ଦୋଳନରେ ମା' ଅନ୍ନପୂର୍ଣ୍ଣା ପ୍ରମୁଖ ଭୂମିକା ଗ୍ରହଣ କରି ଲୋକମାନଙ୍କୁ ସଚେତନ କରିଥିଲେ। ଗାନ୍ଧିଜୀଙ୍କ ହିନ୍ଦ ସ୍ୱରାଜ ପ୍ରକଳ୍ପକୁ ସଫଳରୂପ ଦେବା ପାଇଁ ମା' ଅନ୍ନପୂର୍ଣ୍ଣା। ୨୦୧୦ ହିନ୍ଦୁ ସ୍ୱରାଜ ଅଭିଯାନ ଟ୍ରଷ୍ଟ ଗଠନ କରିଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ଖୁସି

ବିଶ୍ୱନାଥ ନାଏକ

ଖୁସି ମୋର ଆଜି ଲୁଚେ ଇତିହାସେ,
ଖୋଜୁଛି ମୁଁ ଆଜି ଏଠି ।
ବିତି ଥିବା କଥା ଇତିହାସେ ପଢ଼ି,
ଲୁହ ଝରାଏ ଏ ଆଖି ।
ଓଠ ମୋ କେବେଠୁ ହସିବ ବୋଲିକି,
ଚାହିଁଛି ପଥିକ ସାଜି।
ସେ କି ବୁଝିବ କରିଛି
ଯାହାକୁ ଅପେକ୍ଷା,
ଇତିହାସେ ଗଲାଣି ସେ ଲୁଚି ।
ନଦୀର ସୁଅରେ ଭାସୁଥିବା କାଠ,
ଯେମିତି ଭାସୁଥାଏ ।
ଜୀବନ ଯାତ୍ରାରେ ସେମିତି ଆଜି ମୁଁ,
ଏଠି ସେଠି ବୁଲୁଥାଏ ।
ନଦୀର ସେ ଲହରୀ ମାଡ଼ରେ,
ମନ ମୋର ଭିଜୁଥାଏ ।
ଅକାତ ପାଣିରେ ତଥାପି ମୁଁ ଏକା,
କୂଳ ଭରସାରେ ଥାଏ ।
ବେଳେବେଳେ ଭାବେ ହିସାବ ଖାତାରୁ,
ଖୁସିକି ଦେଲି କି କାଟି।
ଖୁସି ବଦଳରେ ଦୁଃଖକୁ ଆଣିକି,
ରଖିଛି ମୁଁ ପାଖାପାଖି।
ଚିତ୍ରକାର ଯେବେ ଆଙ୍କଇ ଛବି,
ହସି ବାକୁ ଇସାରା ଦିଏ।
ବିଚରା ଏ ଆଖି ଏ ସବୁ ଦେଖିକି,
ଲୁହ ଭିଜା ଆଖିରେ ଚାହେଁ।
ଆପଣାର ଭାବି ଯାହାକୁ କହୁଛି,
ହସରେ ଉଡ଼େଇ ଦିଅନ୍ତି।
ସତ କଥା କୁ ମୋ ଅବିଶ୍ୱାସ କରି,
ଆନନ୍ଦ ଉଲ୍ଲାସରେ ଶୁଣନ୍ତି।
ଦିନ ପରେ ଦିନ ମାସ ପରେ ମାସ,
ଏମିତି ବିତିଗଲାଣି।
କେଉଁ ପୃଷ୍ଠାରେ ତମ ଲୁଚି ରହିଗଲ,
ଏ ଯାଏଁ ତମକୁ ପାଉନି।
ସତେ ତମେ କ'ଣ
ଇତିହାସ ହୋଇ,
ରହିଗଲ ଏ ଜୀବନେ।
କୋଣ ଅନୁକୋଣ ସବୁଠି ଦେଖୁଛି,
ଘୁରି ବୁଲୁଛ ଆସି ସପନେ।
ଭସା ବାଦଲ ଟି ପର୍ବତ ଶିଖକୁ,
ଛୁଇଁ ଛୁଇଁ ଆସୁଥାଏ।
ତମେର ଆସିବା ବିଳମ୍ବ କାହିଁକି,
ତମକୁ ଖାଲି ଖୋଜୁଥାଏ।
ଦେଖି ବାକୁ ଆଖି
ସବୁ ବେଳେ ଚାହେଁ,
ତଥାପି ଅସ୍ପଷ୍ଟ ତମେ।
ଯେତେ ଯେତେ ପଛକୁ ଗଲେ ବି,
ତମ କଥା ଖାଲି ଭାବେ।
ତମକୁ ଯେବେ ମୁଁ ପାଇବି ପାଖରେ,
ଯିବାକୁ ଆଉ ମୁଁ ଦେବିନି।
ଇତିହାସକୁ ମୋର ବର୍ତ୍ତମାନ କରି,
ଆରମ୍ଭ କରିବି ନୂଆ କାହାଣୀ ।

+ଅର୍କିଲ, ଅନୁଗୋଳ
ମୋ - ୭୮୪୬୯୪୯୮୫୦

## ଏଇ ଆମ ପ୍ରକୃତି ଚିର ସୁନ୍ଦର

ଦିଲ୍ଲିପ କୁମାର ଧାଉଡିଆ

ଆସରେ ବାଳକ ଜାଣିବା ଆସ
କିପରି ହୁଅଇ ବରଷ ମାସ
ବାର ମାସ, ଛଅ ଋତୁ ମିଶାଇ
ଏକ ବରଷଟି ଗଣା ହୁଅଇ ।
ବଇଶାଖ, ଜ୍ୟେଷ୍ଠ ଗ୍ରୀଷ୍ମ ଋତୁରେ
ଗଛରୁ ପତର ଝଡେ ମହିରେ
ଗାଡିଆ ପୋଖରୀ ସୁଖେ ଖରାରେ
ତତଲା ପବନେ ଝାଳ ବାହାରେ ।
ଆଷଢ, ଶ୍ରାବଣ ବର୍ଷା ଋତୁରେ
ମେଘ ଘଡଘଡି ବିଜୁଳି ମାରେ
ବରଷଇ ପାଣି ମୃଶଳ ଧାରେ
କଇଁ ନିଳକଇଁ ପୋଖରୀ ଭରେ
ଦିଶଇ ସୁନ୍ଦର ମନକୁ ହରେ
ମହୁ ମାଛି ବୁଲେ ଫୁଲ ଉପରେ ।
ଭାଦ୍ରବ, ଅଶ୍ୱିନ ଶରତ କାଳ
ସଶ୍ୟ ଭରା ମହି ସ୍ୱର୍ଗ ନିର୍ମଳ
କାଶତଣ୍ଡି ଫୁଲ କେଡେ ଧବଳ
ଗଛ, ଲତା, ଶସ୍ୟ ଦିଶେ ଶ୍ୟାମଳ
କାର୍ତିକ ଯେ ମାର୍ଗଶିର ଏ ଦୁଇ
ହେମନ୍ତ ଋତୁ ଯେ ଏହାକୁ କହି
ଶିତୁଆ ଲାଗଇ ଥଣ୍ଡା ପବନ
ଆକଶରେ ମେଘ ହୋଇଛି ଶୁନ୍ୟ ।
ଶିତ ଋତୁ ହୁଏ ପଉସ ମାଘ
ମାଡି ଆସେ ଶିତ ସତେକି ବାଘ
ଥରାଇ ଦିଅଇ ଶରିର ସେତ
ଶିତ ସିନା ହୁଏ ଦେହକୁ ହିତ ।
ଫଗୁଣ, ଚଇତ୍ର ବହୁତ ଯାତ
ବସନ୍ତ ପଚଂମୀ ନାମ ବିଖ୍ୟାତ
ଦୋଳ ମେଳଣ ଯେ ଦୟଣାଚୋରୀ
ଏକତ୍ର ହୁଅନ୍ତି ବହୁ ନରନାରୀ
ଏଇ ଆମ ପ୍ରକୃତି ଚିର ସୁନ୍ଦର
ଯତନ ରଖିବା ଆମର କାମ୍ୟ ।

+ଘୋରଡିଆ, ଡେଲାଙ୍ଗ, ପୁରୀ
ମୋ: ୯୪୩୯୮୬୦୦୫୯

## ସତ୍ୟ

ନିରଞ୍ଜନ ସାହୁ

ଏହି ଦୁନିଆରେ ସତ କହେ ଯିଏ
ତା ପାଇଁ ବିପଦ ଆସେ
ସେଥିପାଇଁ ଏବେ ସତ ବଦଳରେ
ମିଛ ମହମହ ବାସେ ।
ସତ କହିବ ଯେ ଅପ୍ରିୟ ସତ୍ୟକୁ
କେହି ବଖାଣିବ ନାହିଁ
ସାପ ମରିବନି ବାଡ଼ି ଭାଙ୍ଗିବନି
ଏମିତିଆ କଥା କାହିଁ
ସତ୍ୟ ତ ନଥିଲେ ଧର୍ମ ରହିବନି
ନ୍ୟାୟ ବନ୍ଦୀ ନାଗଫାଶେ ।
ସତ୍ୟ ଉପରେ ଏ ଧରା ପ୍ରତିଷ୍ଠିତ
ଶାସ୍ତ୍ରରେ ହୋଇଛି ଲେଖା
ସତ୍ୟର ବିଜୟ ନିଶ୍ଚୟ ହୁଅଇ
ପୁରାଣେ ହୋଇଛି ଦେଖା
ସତ୍ୟର ସୁରୁଜ ଯୁଗଯୁଗ ଧରି
ଅସତ୍ୟ ଅନ୍ଧାର ନାଶେ ।
ସତ୍ୟ ଅଛି ବୋଲି ଜଗତ ରହିଛି
ମିଥ୍ୟାର ଆୟୁଷ କେତେ
ସତ୍ୟ ରକ୍ଷାକରି ମହାପୁରୁଷ ଯେ
କୀର୍ତ୍ତି ରଖିଛନ୍ତି ଯେତେ
ସତ୍ୟର ନିଶ୍ଚୟ ଜୟ ହୁଏ ବୋଲି
ଦୁନିଆ ଏକଥା ଭାଷେ ।

+ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ: ୯୯୩୮୭୪୧୫୮୩

## ସଂସାରଟା ମୋହ ମାୟା

ସତ୍ୟନାରାୟଣ ଜେନା

ସଂସାର ସାଗରେ ସମୟର ସ୍ରୋତ
ନାହିଁ ଅବସୋସ୍ ଯାଇଛି ବହି
ମରଣ କୋଳରେ ଶରଣ ନେବାକୁ
ଧାଉଁଛି ପରଣ ଆସର ନାହିଁ
ଲହଡ଼ି ମାଳରେ ଯାଏ ଖେଳି ଖେଳି
କେତେ ସେ ପତନ ଉଥାନ ହୋଇ
କେତେ ହସ ଲୁହ ସୁଖର ସପନ
ଯାଉଛି ପାସୋରି ଉଜାଡ଼ି ଦେଇ
କଳ୍ପନା ବାଟ ନେଉଛି କଢ଼ାଇ
ବଳ ଦିନୁ ଦିନୁ କରି ସେ ଉଣା
କିର୍ତିର ଧ୍ୱଜା ଉଡ଼ାଇ କାହାର
କାହା ପାଇଁ ଶୁଭେ ନିନ୍ଦା ବାଜଣା।
ଯେତେ ଲଭି ଖ୍ୟାତି ରହିକେ ନାହାନ୍ତି
ମରଧାମ ଅଟେ ନାମ ତାହାର
ସ୍ରୋତ ରୂପେ ବୋହି ଯାଉଛି ସମୟ
ସଂସାର ଟା ମୋହ ମାୟା ସାଗର
ମାଟି ପିଣ୍ଡ ହୋଇ ବିକଶି ଅଛଇ
ଅନନ୍ତ କୋଟି କୋଟି ଜୀବ ନେଇ
ଭାବକୁ ତାହାର ଲଭିଲେ ଜଗତେ
ଗତିରେ ମୁକତି ପ୍ରାଣୀ ଲଭଇ।

+ବଗଡ଼ା, କେନ୍ଦ୍ରାପଡ଼ା

## ଥରେ ଯାଇ ବସ

### ବୃନ୍ଦାବନ ଦାସ



ପଥର ସନ୍ଧିରୁ ମୁହଁ କାଢି
ଶୂନ୍ୟ ସହ
କଥା ହେଉଥିବ ଅନାମିକା ଫୁଲଟିଏ
ଠିକ୍ ସେତିକି ବେଳେ
ଅଜଣା ମଣିଷଙ୍କ ଭାରି ଭାରି ପାଦଶବ୍ଦରେ
ପକ୍ଷୀସବୁ ଉଡି ଯାଉଥିବେ
ଧସେଇ ପଶୁଥିବ ଦୁର୍ବାର ସମୟ
ଶିଳାନ୍ୟାସ କରିବାକୁ
ଏକ ସ୍ୱର୍ଣ୍ଣୋଜ୍ଜ୍ୱଳ ଇତିହାସକୁ ।

କୋଳାହଳଠୁ ବହୁଦୂର
ନିରନ୍ତର
ଗୋଟେ ଆଦିମ ଶୂନ୍ୟତା ସେଠି
ଗାଉଥାଏ ନିରବରେ କେତେ ଗୀତ... ।

ଆଜି ଯାଅ କାନଡେରି ଶୁଣ
ସିରିସିରି ପବନରେ
ପତ୍ରସବୁ କେମିତି ବଜଉଛନ୍ତି ତାନପୂରା ।

ଏତେ ଜାଗା ଥାଉ ଥାଉ ତା' ମସ୍ତକରେ ଯେ
ଦିନେ ଝଟକିବ ବିଜୟ ଟୀକା
ତାକୁ ବି ଅଜଣା ଥିଲା !

କେତେ ମେଘ ଉଡିଯାଇ ନଥିବେ ଯେ
ତା'ଉପରେ !

ସେଦିନ ହଠାତ୍ ଅସରାଏ ବର୍ଷା
ବରଷି ଯାଇଥିବ ତା' ଟାଙ୍ଗରା ଛାତିରେ
ଉଲସି ଉଠିଥିବ ସେ
କେବେ ଅନୁଭବି ନଥିବା ଅନୁରାଗରେ
ହଁ, ଅନୁଭବି ଥିବ ନିଜକୁ
ଏକ ବିଶେଷ ଭାବରେ ।

ଥରେ ଯାଇ ବସ ସେଠି
ଥରେ ଯାଇ ଛୁଅଁ ତା' ବିକ୍ଷିପ୍ତ ଭଗ୍ନାବଶେଷ
ବୋଲି ହୋଇଯିବ ହାତରେ
ସକ୍ ସକ୍ କାନ୍ଦଣାର କେତେ ଲୁହ
ପାପୁଲି ଶୂନ୍ୟ ଗୋଟେ ସମୟର ।
ଅଅଅ


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ: ୯୭୭୭୮୪୩୦୩୧


## ପ୍ରତି ଛକରେ ଶବଗଦା

### ମାନସ ରଂଜନ ମହାପାତ୍ର



ସବୁଠି ରକ୍ତର ମେଳା
ସ୍କୁଲରେ, ରେଳଧାରଣାରେ,
ଛକରେ, ବସ୍ତିରେ
ଦିଲ୍ଲୀରେ, ମଣିପୁରରେ, ବାହାନଗାରେ
ଚୁପଚାପ୍ ମହାରାଜ ବୁଲୁଥାନ୍ତି
ନୂଆ ନୂଆ ପୋଷାକରେ
ଦେଶବିଦେଶରେ

ଏ ଏକ ଅଜବ ଦେଶ
ରଜାଂକଠୁଁ ପ୍ରଜାଯାଏଁ ସଭିଏଁ
ବଂଚିଥାନ୍ତି ଭାଷଣରେ, ଅଂଧଭକ୍ତିରେ !
ଅଂଧୁଲି ଦେଶ, ଅବୁଝାମଣା ରାଜାର
ପାଳଚୁଂଟା ମଂତ୍ରୀମାନେ ସବୁଦିନ
ସଚିବଂକ ସହ

ଥାଆଂତି ଗସ୍ତରେ
ଗରିବ ଶ୍ରମିକମାନେ ମରୁଥାଂତି
ରେଳଚକା ତଳେ ଅବା ଦଂଗାରେ

ପ୍ରତି ଛକରେ ଶବଗଦା
ପ୍ରତି ଝର୍କାରେ ରକ୍ତଦାଗ
କିଏ ପୋଛିପାରିବ କୁହ ?
ଏ ଦେଶର ଚାରିଆଡ଼େ ଏବେ ଖାଲି
ବାହାନଗାରୁ ଇଂଫାଲଯାଏଁ
କୋହ ଆଉ ଲୁହ
ହଜିଯାଇଛି ସିନ୍ଦୂର
ଅନାଥ ହୋଇଯାଇଛି ସମୟ !


♥ମୋ: ୯୮୯୧୯୪୬୧୭୮


## ଅନ୍ଧାର

### ଡ. ଶ୍ରୀକୁମାର



ତାରିଖ ଓ ତିଥିରେ ବନ୍ଧା
ସେହି ନିର୍ଦ୍ଦିଷ୍ଟ ସଂଜଠୁଁ
ଅଧିକ ଗଭୀର ଅନ୍ଧାର
ଆଶା କରିବା ବୃଥାନୁହେଁ,
ଖୋଲାମେଲା ତମାମ୍ ଦିନର
ଅବଶିଷ୍ଟ ପ୍ରଶ୍ନ ଗୁଡିକର
ଉଚିତ ଉତ୍ତର ପାଇଁ ଅନ୍ଧାର ହିଁ ଯଥେଷ୍ଟ ।

ଅନ୍ଧାର ବୁଝେଇ ଦିଏ
ସୁଖଦୁଃଖ, ଭଲମନ୍ଦ
ସୁଦୃଢ କରିଦିଏ ସିଏ
ସଂପର୍କର ବାଲିବନ୍ଧ ।
ଆତ୍ମିକ ମିଳନର ପର୍ବଟା
ନାନା ବଦାନ୍ୟପଣରେ ହୁଲସ୍ଥୁଲ ହୁଏ ।

ସୁଯୋଗ ଖୋଜୁଥାଏ ଅନ୍ଧାର
ଚିରାଚରିତ ଦୁଃଖଙ୍କୁ

ଭେଟାଭେଟି ହେବାର ଜିଦ୍,
ଆମେ ଆଙ୍କିଥିବା ପ୍ରେମ ଛବିର ଦୃଶ୍ୟପଟ
ଜକ୍ ଜକ୍ ଦିଶେ ସ୍ୱଷ୍ଟ
ଅନ୍ଧାରର ହାତ ପରଶରେ ।

ଦରଆଉଜା ଦୁଆର ବନ୍ଧରେ
ଅନ୍ଧାର ଅତିଥି ସାଜେ,
ନାନା ନଫରତ୍‌ରେ ଭର୍ତ୍ତି
ଈର୍ଷାକାତର ଦୁନିଆକୁ
ବାୟ ବାୟ କରି, ମୁଁ ନାଚାର ଥାଏ
ଶୁଭଶଙ୍ଖ ବଜାଇ ସଙ୍ଖୋଳି ନିଏ ଅନ୍ଧାର
ସେ ତ ମୋର
ଜୀବନଯାତ୍ରାର ପ୍ରଣମ୍ୟ ସୂତ୍ରଧର ।

ନିରୁତା ଭଲ ପାଇବା ଶିଖେଇଛି ଅନ୍ଧାର
ଝାଉଁଳି ପଡିଥିବା ସ୍ମୃତିକୁ
ସଜଳ କରି ସଜେଇଛି ଅନ୍ଧାର
ଅଭାବ ଅନଟନରେ
ମୋ ଭିତରେ ସଢୁଥିବା
ଆନମନା ଭାବନା ସମୂହକୁ
ଉଚ୍ଛୁଳା ମୁକୁଳା କରିଛି ଅନ୍ଧାର ।

ତାର ନିର୍ବିକାର ଭାବ ଓ ନିଃସ୍ୱାର୍ଥପଣିଆକୁ
ଅସୀମ ବିଶ୍ୱାସରେସାଉଁଟିବା ଛଡା ମୋର
ଅନ୍ୟ ଗତ୍ୟନ୍ତର ନାହିଁ ।

ଅନ୍ଧାର ମୋ ପ୍ରବୋଧନା
ଅନ୍ଧାର ମୋ ଆଶ୍ୱାସନା
ଅନ୍ଧାର ଭିତରେ ତୁମେ
ଜନ୍ମ ଜନ୍ମାନ୍ତର ଶୀତଳ ସାନ୍ତ୍ୱନା ।


♥ସଂଭାବନା ପ୍ରକାଶନୀ ମୁଖ୍ୟ
ଦେହୁଡଦା, ଭୋଗରାଇ, ବାଲେଶ୍ୱର
ମୋ - ୮୨୪୯୬୮୭୭୭୪


## ନିରବ ଅହଂକାର

### ଶରତ କୁମାର ଦାସ



ଯେତେଥର ଯାଇଛି
ଫେରିଛି
ଛାତିରେ ଭୂକମ୍ପ ଧରି

ଡହ ଡହ ଖରାର
ଉଦ୍ଧତ ହସରେ
ଭିଜେଇଛି ନିଜକୁ
ପଟା ପଟା ଝାଉଁଗଛ ତଳେ
ଦେଖିଛି
ଯୋଡି ଯୋଡି ବଣିଙ୍କର
ଥେଇ ଥେଇ ନାଚ
ପ୍ରମତ୍ତ ପାଗଳ ପରି
ଫୁଟପାଥର ନିୟନ ଆଲୁଅ ତଳେ
କ୍ଷଣ ଭାବି
ନିଜ ଛାଇକୁ ଘଉଡ଼େଇବାର ଦୃଶ୍ୟ
ଏବେ ବି ଖୁବ୍ ସତେଜ ଅଛି

ଜାଣିବି
ତମେ ଆସିବ ନାହିଁ ବୋଲି
ସମୟକୁ ପାରୁଅନା ଦେଇଛି
ଅଟକିଯିବାକୁ

ଚେନାଚୁର ବାଲାକୁ ପଚାରିଛି
ତମ ପରି ନୀଳ ମେଘୀ ଶାଢ଼ିପିନ୍ଧା ଝିଅଟିଏ
ଦେଖିଛି କି ବୋଲି
ସିଗ୍ରେଟ ଧୂଆଁର ଶେଷ ଚୁମା ଖାଇ
ପବନ ସହ ମଇତ୍ର ବସିଛି
ତମେ ଛାଡିଯାଇଥିବା ପାଦଚିହ୍ନର
ଗୋଲାପି ଛାତିରେ ପାଦ ଥାପି ଥାପି
ଆନୁମାନିକ ଠଉରେଇଛି
ଷ୍ଟେସନରୁ ତମ ହଷ୍ଟେଲର ଦୂରତ୍ୱ

ତଥାପି ନିରବି ନ ଯାଇ
ତମ ସ୍ୱାଗତ ପାଇଁ ତିଆରିଛି
ଦେବଦାରୁ ପତ୍ରର ତୋରଣଠୁ ଫୁଲଙ୍କ ନଅର
ତମ ପ୍ରତିଛବିର ସ୍ୱପ୍ନକୁ ନେଇ ଆଙ୍କିଛି
ପୁଞ୍ଜପୁଞ୍ଜ ମେଘଙ୍କର ନିରବ କୋଳାହଳ
କାକଟସର ତିର୍ଯ୍ୟକ ଚାହାଣିରେ
କ୍ଷତାକ୍ତ ହୋଇଛି ସତ

ହେଲେ, ରକ୍ତରେ ଭିଜିଛି ବୋଲି
କେବେ ବି କହିନି
କାଳେ ମୋ ମନର କଷ୍ଟ
ତମ ଦେହେ ସଞ୍ଚରି ଯିବ ବୋଲି

ସବୁ ଅସହାୟତାର
ପରିସମାପ୍ତି ପରେ ବି
ଦେଖିଛି
ତମେ ନିରବ, ନିର୍ବିକାର
ପ୍ରେମର ଅହଂକାରକୁ ନେଇ

ମୁଁ
ଅସହାୟ ପ୍ରେମିକଟିଏ
ଖାଁ ଖାଁ ଶୂନ୍ୟତାର
ନୀଳ ମେଘ ପିନ୍ଧି
ଏବେ ବି ଅପେକ୍ଷିଛି
କାଳେ ତମ ନିରବ ଅହଂକାରର
ଭଗ୍ନାବଶେଷ
ସ୍ୱପ୍ନିଳ ଜହ୍ନରାତିଟିଏ
କଅଂଳେଇବ ବୋଲି ।


♥ପାଲୁର ବଙ୍ଗଳା
ଘର ନମ୍ବର-୨୬, ବ୍ରହ୍ମପୁର
(ମୋ) ୯୪୩୭୪୨୩୯୮୫


## ସେଇ ଲୋକଟି

### ଆନନ୍ଦ କୁମାର ମାଇତି




କବିତାର ଗପ କହୁଥିବା ଲୋକଟି
ହଠାତ୍ ଚାଲିଗଲେ ପୃଥିବୀର କେଉଁଠିକୁ
କୌଣସି ଗୋଟେ ବିସନ୍ନ ଶଙ୍ଖ ଚିଲ
ମହା ଆକାଶୁ ଓହ୍ଲେଇ ଆସିବ
ପୃଥିବୀ ଚଟାଣକୁ,
ତେବେ ତା ଓହ୍ଲେଇ ଆସିବାର
କ୍ଷୀପ୍ର ଗତିରେ, ଝଡ଼ି ପଡ଼ିବ କି
ଶ୍ୟାମଳା ପୃଥିବୀର ବ୍ୟଥିତ
ମୃତ ପ୍ରାୟ ପତ୍ର ସବୁ ?

କବିତାର ଗପ କହୁଥିବା ଲୋକଟି
ଅବ୍ୟାହତି ନେଲେ

ମଝି ରାତିରେ କି ନିଦ ଭାଙ୍ଗି ଯିବାର
ସମ୍ଭାବନା ଥିବ ଆମର
ଆଉ ସେବେ ଶୁଣି ପାରିବୁ ମନ୍ଦିର
ଘଣ୍ଟ ଘଣ୍ଟା ଶବ୍ଦ, ମସଜିଦର ଏଲାନ
ନା ଶୋକ ସମ୍ବାଦ ମୃତ୍ୟୁ ପରୁୱାନ
ନା କର ଲେଉଟାଇ ଶୋଇ ପଡ଼ିବୁ ଫେର

ଲୋକଟି ନଯାଉ
ଯଦି କବିତା ଚାଲି ଯାଏ
ତେବେ କି ଆମେ ନିଆଁ ସହ ଖେଳୁ ଖେଳୁ
ନିଜ ଯୁଇ ନିଆ ଜଳି ଉଠିବ
ଆମ ଖେଳର ଆୟୋଜନରେ
ନା ନିଜ ଅପାରଗତାର ପରିଚୟ ପାଇ
ନିଜ ଅଧରକୁ ନିଜେ ଭିଯାଇବୁ
କେଇ ଟୋପା ଆଖି ଲୁହରେ ?

ଜାଣେ, ଚାଲିଯିବା ବଡ଼ କଥା ନୁହେଁ
ବଡ଼ କଥା ହେଲା
ମୃତ୍ୟୁ ଠୁ ଢେର୍ ଅଧିକ ବ୍ୟସ୍ତ ଏ ଜୀବନ
ଯେମିତି ତୁମ ଆମ ଚଲା ବାଟରେ
ଅହେତୁକ କଣ୍ଟାର ଆଗମନ ହୁଏ
ଆମକୁ ରକ୍ତାକ୍ତ ଈଶ୍ୱର ଭଳି
ସଜାଇ ଦେବାକୁ।


ବଗଡା, କେନ୍ଦ୍ରାପଡା


## ରାସ୍ତା ଗୋଟିଏ ଏଠି

### ବାବାଜୀ ଚରଣ ଜେନା



ରାସ୍ତା ତ'ଗୋଟିଏ ଏଠି
କେତେ କିଏ ଦେଖା ହେବ
ସଭିଙ୍କ ସାଥିରେ କୁହ
ବନ୍ଧୁତା କି ରଖି ହେବ
ରାସ୍ତା ତ ଗୋଟିଏ ଏଠି ।

କେତେ କିଏ କଥା କହେ
ଚୁନକୁ ତ' ମାରି ଦେଇ
ଗଲାବେଳେ ଚାଲିଯାନ୍ତି
ସ୍ମୃତି ତାଙ୍କ ଛାଡି ଦେଇ

ସବୁ କଥା ସବୁ ସ୍ମୃତି
ଛାତିରେ କି ରଖି ହେବ
ହୃଦୟ କଳାପଟାରୁ
ଆପେ କିଛି ଲିଭି ଯିବ ।

ପାଇବାକୁ କିଛି ଏଠି
ସମସ୍ତେତ ଧରାପରା
ଭାଗରୁ କମିଲେ ଟିକେ
କୁହନ୍ତିତ ଗାଆଁ ସାରା
ସବୁ ମନ ଶସ୍ତା ନୁହେଁ
ଦେଲେ କିଛି ନେଇ ହେବ
ସେଇ ସ୍ୱାଭିମାନୀ ସ୍ମୃତି
ଚିରଦିନ ରହି ଥିବ ।


♥ଅହଲ୍ୟା ନିବାସ,ପୋପରଡା
ନୂଆବଜାର, କଟକ - ୪
ମୋ:୯୪୩୭୮୩୪୭୧୯


## ନଈ

### ପଦ୍ମାଳୟା ସାମଲ



କେଜାଣି ଏମିତି କେମିତି ଅବାଧରେ
ପଶିଆସେ ମୋ କବିତାକୁ
ନଈର ଅଙ୍କାବଙ୍କା ଚେହେରା ।
ତା ନିରୋଳା ନୀଳତୃଷ୍ଣା
ଆବେଗରେ ଏରୁଣ୍ଡି ଡେଇଁ ମୋ ଶବ୍ଦସବୁକୁ
ତରଙ୍ଗାୟିତ କଳାପରେ ମୋ କବିତା
ସ୍ୱପ୍ନହେଇ
ଆଙ୍କିଯାଏ କେତେକେତେ ମୋହର
ମାନଚିତ୍ର, ମାୟାର ସମ୍ପର୍କ ।

ତମାମ ଅରଣ୍ୟ ଭିତରେ
ଶ୍ରାବଣ ସନ୍ଧ୍ୟାର ଅହଙ୍କାରୀ ନଈ
ଯେତେସବୁ ସ୍ୱପ୍ନକୁ
ଭଉଁରୀ ଭିତରେ ହିଁ ବୁଡେଇ ଦିଏ ।

ଜହ୍ନର ରୂପେଲି କିରଣ
ଢେଉରେ ଖସି ପଡୁଥିଲା ବେଳେ

ମୁହଁ ଧୋଇ ସାରି ହସୁଥାଏ ସଫେଦ୍
ହସକୁରୀ ମେଘ ।
ବାସି ସକାଳକୁ ବି
ସେମିତି ଝଟକୁଥାଏ ନଈ
ଯେମିତି ରୂପା ତାରକସୀ କାମରେ ଭରା
ମଣ୍ଡପର ଦେବୀଟିଏ ପରି ।

ଅଥଚ ଶବ୍ଦସବୁକୁ କବିତାରେ ବେଶ୍
ଖେଳେଇ ପାରେ ବୋଲି
ଡିଣ୍ଡିମ ପିଟୁଥିବା ମୁଁ ଅତି ଅସହାୟ
ନିରୀହ କବିଟିଏ ଯାହା ।


♥ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨


## ସଖୀ

### ପ୍ରିୟନାଥ ପାଣି



ଆଲୋ ସଖି !
ତୁ ଦେଇଥିବା ପ୍ରତିଶ୍ରୁତି
ମୋ ମନରେ ବଡ କଲି
ତା' ମୂଳରେ ଲୁହ ଢ଼ାଳିଲି
ଏବେ ତା' ଛାଇରେ
ତୋ ବାଟ ଚାହିଁ ବସିଛି
ଖୋଜି ଖୋଜି ତୁ ନିଶ୍ଚୟ ଆସିବୁ
ଏ ବିଶ୍ୱାସ ତୋ ପାଖରେ
ସାରା ଜୀବନ ବନ୍ଧା ପଡିଥାଏ ।

ଆଲୋ ସଖି !
ତୁ ମୋ ସ୍ୱପ୍ନରେ ପାଦ ଥାପିଲେ
ମୁଁ ପଲ୍ଲବିତ ହୁଏ
ଭାବନାକୁ ସ୍ୱାଗତ କଲେ ମୁଁ ଉଲ୍ଲସିତ ହୁଏ
ଶିରା ପ୍ରଶିରାରେ ଢ଼େଉ ଉଠେ
ମୁଁ ସମ୍ପର୍କ ଲୋଡେ
ତୋ ପୁଣ୍ୟ ଆବେଗ ମୋତେ
ଛନ୍ଦିବାକୁ ଚେଷ୍ଟାକରେ
ବିଭୋର ହେବାକୁ ଆଉ କିଛି
ବାସ୍ନା ଛାଡି ଦେଇଯାଏ ।

ଆଲୋ ସଖି !
ତୋ ହଲେ ଆଖି ମୋ କଥା କହେ
ତୋ ମନ ବିଚଳିତ ହୁଏ
ହୃଦୟରେ ମୋ ପାଇଁ ଜାଗାଟିଏ ଥାଏ
ତୋ ଆତ୍ମୀୟତାରେ ମୁଁ ଓଦା ସରସର ହୁଏ
ତୋ ନିବିଡ ସାନ୍ନିଧ ପାଖରେ
ଆୟୁଷ ସଅଁପି ଦେଇ
ତୋ ପାଖକୁ ଆସିବାକୁ ଦିନ ଗଣୁଥାଏ
ଧେତ୍ ...କହୁ କହୁ କହିଦେଲି
ମୁଁ ତୋତେ ଭାରି ଭଲପାଏ ।


♥ କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ
ମୋ-୯୯୩୭୧୨୫୧୫୧


## ଆମ ଗାଁରେ ଲଘୁଚାପ

### ପ୍ରଭାତ କୁମାର ଆଚାର୍ଯ୍ୟ



ସ୍କୁଲରୁ ଫେରୁଫେରୁ
ଏମିତି ଯେ ଦେଲା କାଚି
ସାର୍ଟ, ପ୍ୟାଣ୍ଟ୍ ଓଦା ସରସର
ବର୍ଷାତି କାଢ଼ିବାକୁ ସହିଲାନି ତର
ପୂବେଇ ପବନ ସାଥିରେ
ଦେଇ କିଳିକିଳା ରଡ଼ି
ମାଡ଼ିଆସେ ଲଘୁଚାପ ବର୍ଷାର ଝଡ଼ି।
କେମିତିକା ଭୟ ଭୟ ଲାଗେ
ପବନର ସୁ ସୁ ଶବ୍ଦ ।
ରାସ୍ତା,ଘାଟ,ବିଲ,ଘର ଅଗଣାରେ
ଛୁଟିଛି ପାଣିର ସୁଅ।
ହେଇ ମାଧିଆଟା ଗାଁ ଗୋହିରୀରେ
ଘାଇଜାଲ ମାରି ଛାଣୁଛି କେରାଣ୍ଡି,ତୁଡି ।
ଖାଲମୁହାଣିରେ କାଶତଣ୍ଡି ପଡ଼ିଛି ମୁହଁ

ମାଡି।
ଦାନ୍ତ ଦେଖଉଛି କଙ୍କ୍ରିଟ୍ କରା ଗାଁ ରାସ୍ତା
ଖାଲୁଆ ଖାଲୁଆ ପାଣି ଜମିରହିଥିବା
ଜାଗାରେ
ସଙ୍କରାର ସାଇକେଲରୁ ବାହାରିଗଲା ପବନ
ବିଚରାଟା ସାଇକେଲ ଗଡ଼େଇ ଭିଜୁଛି
ରାସ୍ତାରେ ।
କାମ ଚିଲିଥିବା ବିଜୁ ପକ୍କାଘର ଭିତରେ
ପଶିଛି ନର୍ଦ୍ଦମାର ପାଣି,
ବାହାରିବାର ରାସ୍ତା ନାହିଁ
ଗାଁ ଭିତରେ ଖାଲି କାଦ ପଚ୍ ପଚ୍।

ମଞ୍ଜାକରି ଲଟେଇଥିଲା ସନିଆ
ଜହ୍ନି ଓ ପୋଇ
ଏମିତି ଛେଚିଲା ଯେ ବର୍ଷା
ଭୂଇଁ କାମୁଡ଼ି ପଡ଼ିଛି ଯେ ଶୋଇ ।
ନାୟକ ବାବୁଙ୍କ ଘରୁ ଆସୁଛି
ପଚୁଡ଼ି ଛଣାର ଗନ୍ଧ ।
ସାଇ ଟୋକା କେତେଜଣ
ଦେହ ଉଷୁମେଇବା ପାଇଁ
ସରକାର ଗଢ଼ିଦେଇଥିବା କ୍ଲବରେ
ପିଉଛନ୍ତି ମଦ।
ଖାଲି ଯାହା ହଇରାଣ ହେଉଛି ସତୁରୀଟା
ତିନିଦିନ ଯାଇନି ସେ ମୂଳ
ଘରେ ନାହିଁ ଗଣ୍ଡେ ତୋରାଣି ପଖାଳ
ଦୁଇଟା ଛୁଆକୁ ନେଇ ହୁଏ କଲବଲ ।
ଗାଁ ଛକଟା ଶୂନ୍ ଶାନ୍
ବିଜୁଳି ବି ହୋଇଛି ଫେରାର୍
ଅନ୍ଧାରର ରାଜୁତି
ଲଘୁଚାପ ବର୍ଷାଟା ଥରଉଛି ଛାତି ।


♥ ସଂସ୍କୃତ ଶିକ୍ଷକ, ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ, ବାଲେଶ୍ୱର


## ଶୀତ ପାଇଁ ଗୀତ

### ପ୍ରକାଶ କୁମାର ଚାନ୍ଦ



ଶୀତ ଆସିଲାଣି ଆମରି ଗାଆଁକୁ
ଥିରି ଥିରି ପାଦ ପକେଇ
କୁହୁଡି କାକର ଦୁହିଁଙ୍କୁ ସାଥୀରେ
ଆଣିଅଛି ପରା ଡକେଇ
ଦେହ ହାତ ଲାଗେ କାଲୁଆ
ଚଦର ଘୋଡେଇ ନିଆଁ ଚାରିପାଖେ
ସେକି ହେଉଥାଏ ନାଲୁଆ ।

ଆହାକି ସୁନ୍ଦର ଦୂରୁ ଦେଖିଦେଲେ
ସୋରିଷ ଫୁଲର କ୍ଷେତ
ପାଚିଲା ଫସଲ ଆଖି ଆଗେ ଦେଖି
ଚାଷୀଭାଇ ଗାଏ ଗୀତ
ଫୁଟିଲାଣି ଫୁଲ ସୋରିଷ
ମାଆର ଡାକରେ ଚିଣ୍ଟୁ ଉଠିଯାଇ
ଶେଯେ ଭାଙ୍ଗୁଥାଏ ଅଳସ ।

କାକର ପାଣିରେ ଫୁଲଟି ଗାଧେଇ
ପତର ଫାଙ୍କରେ ହସେ
ଖରା ଆଡେ ପିଠି ଦେଖେଇ ଜେଜେ ମା
ଖଳାରେ ଯାଇକି ବସେ
ମୁନା ଡାକୁଅଛି ଇଆଡେ
ଶୀତ ଲାଗିବାରୁ ଚୂଲିପାଖ ଛାଡି
କୁନା ଯାଉନାହିଁ କୁଆଡେ ।


♥ଜୟପୁରଶାସନ ପିପିଲି ପୁରୀ
ମୋ-୯୮୫୩୩୫୪୯୩୮


## ଆମ ଗାଁ ମଶାଣି

### ମଧୁ ସୁଦନ ମାଝୀ

ଆମ ଗାଁ ମଶାଣି
ଗୋଟିଏ ବଡ଼ ଇତିହାସ,
ଭୂଗୋଳ ଚିତ୍ରରେ
ପୂର୍ବ ଦିଗରେ ମାରେ ନିଶ୍ୱାସ।
ଫରାସୀ ଇଂରେଜଙ୍କ କିଛି ଶବ
ଏହି ଶ୍ମଶାନରେ କବର ଦିଆଯାଇଛି,

ସ୍ୱାଧିନତା ସଂଗ୍ରାମୀ ଅକ୍ଷୀ ମାଝୀଙ୍କର
ସମାଧି ଏବେବି ଛିଡା ହୋଇଛି।
ତୁଳସୀ ଗୁଳ୍ମରେ ଭରି ଗଲାଣି
ହେଂସ, ମଶାଣିରେ ଶୁଏ ଚର୍ଗୁଣୀ,
ଆଉ ଗୁଧୁଡି ବିଛେଇ ଶିଶୁକୁ
ହଳଦୀ ତେଲ ଲଗେଇ ଦିଏ ପ୍ରେତାଶୁଣି।
ଡ଼ାଆଣୀ ଆଲ ଦେଖି ଡରେନି
ଆମ ଗାଁ ବେହେରା ପାଗଳା,
ମାଲହାଣ୍ଡିରୁ ଭାତ ତିଅଣ ଖାଏ
ମୂର୍ଦ୍ଧାର କଂସା ତାଟିଆ ତା ପାଖେ ତଳା ।

ଉଇଁଲେ ସୂରୁଜ ଶ୍ମଶାନରେ ପଡ଼େ
ଅଘି ଶିଥିଳି ଫେରିବା ପୁଅ ପୁତୁରା,
ଭଣଜା ଅବା ଜ୍ୱାଇଁ ଗାଡ଼ିଆରୁ
ପାଣି ଆଣି କୁଇରେ ଢାଳି ସରେ ଯାତ୍ରା।
ଆମ ମଶାଣିକୁ ବେଳେ ବେଳେ ଯାଇଥାଏ
ସୁରୁଜ ଅସ୍ତଗାମୀ ବେଳେ,
ଆଖି ଫେରାଇ ଅଣେ ଦେଖି ସମାଧି ସବୁକୁ
ଦୁଇ ଟୋପା ଅମାନିଆ ଅଶ୍ରୁ ଢ଼ାଳେ।


♥ୱାର୍ଡ ନ.୧, ସହର, ବାଲେଶ୍ୱର

# 'କେବଳ ବିଶ୍ୱବିଦ୍ୟାଳୟ ପାଇଁ ବିଡିଏ ପ୍ରକଳ୍ପ': ଖର୍ଚ୍ଚ ହେବ ୧୫ କୋଟି, କର୍ତ୍ତୃପକ୍ଷ ଦେଇଛନ୍ତି ସ୍ୱୀକୃତି



ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ୨୦ ଏକର ଜମିରେ ନିର୍ମାଣ ହେବ ପାନ୍ଥନିବାସ, ପାର୍କ ଓ ଫୁଡ୍ ଷ୍ଟଲ୍। ଏଭଳି ଏକ ଯୋଜନା ହୋଇଥିବା ଅଭିଯୋଗ କରି ଏବିଭିପି ପ୍ରବଳ ବିରୋଧ କରିଥିଲା। କିନ୍ତୁ ଏ ସବୁ ପ୍ରକଳ୍ପ ସେଠାରେ ହେବାର ନାହିଁ ବୋଲି କହିଛନ୍ତି ବିଡିଏ ଉପାଧ୍ୟକ୍ଷ ବଲ୍‌ୱନ୍ତ ସିଂ। ବିଡିଏର ପ୍ରସ୍ତାବିତ ପ୍ରକଳ୍ପ କେବଳ ବିଦ୍ୟାର୍ଥୀଙ୍କ କାମରେ ଲାଗିବ ବୋଲି ସ୍ପଷ୍ଟ କରିଛନ୍ତି। ସୂଚନା ମୁତାବକ, ବାଣୀବିହାର ଭିତର ଦେଇ ଯାଇଥିବା ପ୍ରାକୃତିକ ନଳା ନଂ. ୪ର ବିକାଶ କରିବା ଯୋଜନା ହୋଇଥିଲା। କାରଣ ଏହା ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବାରୁ ଗଙ୍ଗୁଆକୁ ପାଣି ନିଷ୍କାସନ ହୋଇପାରୁନି। ସମଗ୍ର କ୍ୟାମ୍ପସ୍ ପରିସରରେ ପଚା ପାଣିର ଦୁର୍ଗନ୍ଧ ଖେଳିଯାଉଛି। ଏଣୁ ଏହାକୁ ସଫା କରିବା ସହ ପାଖରେ ଥିବା ଅନ୍ୟ ଜାଗା ସବୁର ଉନ୍ନତୀକରଣ କରିବାକୁ ଯୋଜନା ହୋଇଥିଲା। ସ୍ମାର୍ଟ ସିଟି ଲିମିଟେଡ୍ ଏହାର ଡିପିଆର ପ୍ରସ୍ତୁତ କରିଥିବା ବେଳେ ବିଡିଏ ଏହାର ଉନ୍ନତୀକରଣ ଦାୟିତ୍ୱ ନେଇଥିଲା। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗତ ଏପ୍ରିଲ ୨୬ ତାରିଖରେ ବସିଥିବା ସିଣ୍ଡିକେଟ୍ ବୈଠକରେ ବିଡିଏକୁ ସ୍ୱୀକୃତି(ଏନ୍‌ଓସି) ପ୍ରଦାନ କରିଥିଲେ। ଏଥିରେ ବିଡିଏ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିବା ସହ ଟେଣ୍ଡର ମଧ୍ୟ କରିସାରିଛି। ଡିପିଆର ମୁତାବକ ଏହି ଡ୍ରେନ୍‌କୁ ଆବର୍ଜନାମୁକ୍ତ କରି ପାଣି ବିଶୋଧନ କରାଯିବ। ଡିଡିସିଇ, ୟୁନିଭରସିଟି ଅଫ୍ ଲ କଲେଜ୍ ଓ ୟୁନିଭରସିଟି ପ୍ରେସ୍ ବିଶ୍ୱବିଦ୍ୟାଳୟର ଅଙ୍ଗ ହୋଇଥିଲେ ମଧ୍ୟ ପରିସର ବାହାରେ ରହିଛି। ମଝିରେ ନଳା ଥିବାରୁ ବୁଲିବୁଲି ଯିବାକୁ ପଡୁଛି। ଏଣୁ ଏହି ଯୋଜନାରେ ଏହି ସବୁ ଅନୁଷ୍ଠାନକୁ ସଂଯୋଗ ବ୍ୟବସ୍ଥା କରାଯାଉଛି। ଆବଶ୍ୟକ ପଡ଼ିଲେ ଗୋଟିଏ କିମ୍ବା ଏକାଧିକ ପୋଲ କରାଯାଇ ବାଣୀବିହାର ଭିତରୁ ସିଧାସଳଖ ସଂଯୋଗ କରାଯିବ। ଏହା ସହ ଗୋବିନ୍ଦ ସାହୁ ମାର୍କେଟ୍ ପାଖରେ ଥିବା ଖାଲି ଜାଗାର ବିକାଶ ହେବ। ଯାହା ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବହାର ଯୋଗ୍ୟ ହେବ। ୧ ନମ୍ବର ଛାତ୍ରାବାସ ଓ କନ୍‌ଭୋକେସନ ହଲ୍ ନିକଟରେ ମଧ୍ୟ ଖାଲି ଜାଗାର ବିକାଶ ହେବ। ଏ ସବୁ କେବଳ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ କୌଣସି ବାହାର ଲୋକଙ୍କର ଚଳପ୍ରଚଳ ହେବା ସୁଯୋଗ ରହିବ ନାହିଁ ବୋଲି ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି।

# ପୋଟଳ ଚାଷରେ ନୂତନ ଜ୍ଞାନକୌଶଳ ପ୍ରୟୋଗ: ସଫଳ ଚାଷୀ ଜଗଦୀଶ

ବଲାଙ୍ଗିର, ୦୬/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଆଗଲପୁର ବ୍ଲକ ଅନ୍ତର୍ଗତ କୁଟାସିଂହା ଗ୍ରାମପଂଚାୟତ ଅନ୍ତର୍ଗତ କଂଟାପାଲି ଗ୍ରାମର ଜଗଦୀଶ ସାହୁ ଜଣେ ଉଦ୍ୟୋଗୀ ଚାଷୀ । ଚାଷ କହିଲେ ମୁଖ୍ୟତଃ ଏହି ଅଂଚଳରେ ଧାନକୁ ହିଁ ବୁଝିଥାନ୍ତି । ଧାନ ଅପେକ୍ଷା ପନିପରିବା ଚାଷ ଅଧିକ ଲାଭଜନକ ଚାଷ। ଧାନଚାଷରେ ବର୍ଷକୁ ରବି ଓ ଖରିଫ ଚାଷ ୨ ଥର କରିଥାନ୍ତି, କିନ୍ତୁ ପନିପରିବା ଚାଷ ଋତୁ ଅନୁସାରେ ହୋଇ ଥାଏ ଓ ଏହା ବର୍ଷ ସାରା ଚାଷ ହୋଇଥାଏ। ପ୍ରତି ସପ୍ତାହରେ ୨ରୁ ୩ଟି ବଜାରକୁ ବିକ୍ରି କରି ଥାନ୍ତି । ଚାଷର ଚାହିଦା ବାର ମାସରେ ଥିବାବେଳେ ଏହି ପନିପରିବାକୁ ତଥା ଗ୍ରାମାଚଂଳର ଛୋଟ ବେପାରୀମାନଙ୍କ ପୋଟଳର ଚାହିଦା ଏତେ ବେଶୀ ଅଛି ଯେ, ନିଜ ବିଲରୁ ସ୍ଥାନୀୟ ବେପାରୀ ମାନେ ଓଜନ ମାପ ଏବଂ ହିସାବ କରି ନଗଦ ଟଙ୍କା ପୈଠ କରି ନେଇଯାଆନ୍ତି । ଦୀର୍ଘ ୬୦ ବର୍ଷ ପୂର୍ବରୁ ଲଙ୍କା ଚାଷ ଏହି ଗ୍ରାମର ମୁଖ୍ୟ ଆୟକାରୀ ତଥା ଅର୍ଥକାରୀ ଫସଲ ଭାବେ ଘରେ ଘରେ ପରିଚିତ ଥିଲା । ଜଗଦୀଶ ସାହୁ ଜଣେ ଚାଷକୁ ଆଦରିନେଇଥିବା ସଫଳ ଉଦ୍ୟୋଗୀ ଚାଷୀ । ପୂର୍ବରୁ ଆଖୁ, ବାଇଗଣ, ଚିନାବାଦାମ, ପିଆଜ ଚାଷ କରୁଥିଲେ। ବର୍ତମାନ ପରିପ୍ରେକ୍ଷୀରେ ପ୍ରଥମ ଥର ପାଇଁ ପୋଟଳ ଚାଷ କରିବାକୁ ମନରେ କଳ୍ପନା କରି ସ୍ୱପ୍ନ ଦେଖିଥିଲେ । ଏହି ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ପୁଅ ପ୍ରେମାନନ୍ଦ ସାହୁ ଯୁବ ଚାଷୀ ଭାବେ ଉଭା ହୋଇ ବାପା ଜଗଦୀଶ ସାହୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପୋଟଳ ଚାଷ କରିବାକୁ ଆଗଭର ହୋଇ ଅଂଟା ଭିଡ଼ିଲେ । ମାଘ ମାସରେ ୩୦ ଡିସିମିଲ ଜମି ରେ ନିଜର ପାୱାର ଟିଲରରେ ହଳ କରି ମାଟିକୁ ଚଷି, ଜମିକୁ ପ୍ରସ୍ତୁତି କରିଥିଲେ । ଏହାପରେ ପୋଟଳ ଚାରା ପାଇଁ ବିଭିନ୍ନ ଚାଷୀମାନଙ୍କ ସହିତ କଥା ହୋଇ ଚାଷୀମାନଙ୍କ ପରାମର୍ଶ କ୍ରମେ ଗେର୍ଡ଼ି ଗ୍ରାମର ଜଣେ ଚାଷୀଙ୍କ ସହ କଥା ହୋଇ ୧୦୦୦ ମନ୍ଦାକୁ ୧୫୦୦/- ଟଙ୍କା ଦେଇ ଫାଲଗୁନ ମାସର ପ୍ରଥମ ସପ୍ତାହରେ ଚାରା ରୋପଣ କରିଥିଲେ । ଗୋଟେ ମାସ ପରେ ବା ଚୈତ୍ର ମାସରେ ପୋଟଳ ର ଲହ ବା ଡଙ୍କି ମାରିବା ଆରମ୍ଭ ହେଲା । ବୈଶାଖ ମାସରେ ଖୁଂଟ ପାଇଁ ୫୦୦ ଖୁଂଟକୁ ୧୦/- ଟଙ୍କା ଦରରେ ୫୦୦୦/- ଟଙ୍କା ଦେଇ ପାଖ ଗାଁରୁ ଆଣିଥିଲେ । ଖୁଂଟ ପୋତି ପାଖ ସହର ବଲାଙ୍ଗିରରୁ ପ୍ଲାଷ୍ଟିକ ଜାଲି ବା ନେଟ୍ ୧୦ କେଜିକୁ ୩୦୦/- ଦରରେ ୩୦୦୦/- ଟଙ୍କା ଦେଇ ଆଣିଲେ ଏବଂ ବୈଶାଖ ମାସରେ ଏହାକୁ ଗୋଟିଏ ସପ୍ତାହରେ ଲଗାଇଲେ । ଏହାପରେ ପୋଟଳର ଫଳ, ଫୁଲ ଆରମ୍ଭ ହେଲା ଓ ଜୈ୍ୟଷ୍ଠ ମାସରେ ଫଳ ପ୍ରତି ସପ୍ତାହରେ ୧୦୦ କେଜିକୁ ୪୦୦୦/- ଦରରେ ପ୍ରତି ମାସ ୪୦୦ କେଜିକୁ ମାସିକ ୧୬୦୦୦/- ତାଙ୍କ ହିସାବରେ ଆଜକୁ ୫ ମାସରେ ୭୦,୦୦୦/- ବିକ୍ରି କରିଥିବା ବେଳେ ଆଗକୁ ଆଉ ୩ ମାସ ପର୍ଯ୍ୟନ୍ତ ଫଳ ଫଳିବ ବୋଲି ଜଗଦୀଶଙ୍କ ପୁଅ ପ୍ରେମାନନ୍ଦ ସାହୁ କହିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ୩ ବର୍ଷ ହେଲା ରାଜ୍ୟ ସରକାରଙ୍କ ଉଠାଜଳସେଚନ ନିଗମ ଲିମିଟେଡ ପକ୍ଷରୁ ଗଭୀର ନଳକୂପ ଅନ୍ଲାଇନ ମାଧ୍ୟମରେ ଆବେଦନ କରିଥିଲେ ଏବଂ ୨୦,୦୦୦/- ଟଙ୍କା ପୈଠ କରିଥିଲେ । ବଦଳରେ ରାଜ୍ୟ ସରକାରଙ୍କ ତରଫରୁ ଇଲେକ୍ଟ୍ରିସଂଯୋଗ ସହିତ ଗଭୀର ନଳକୂପ ୩୦୦ ଫୁଟ ଖନନ, ମୋଟର ଏବଂ କେଶିଂ ପାଇପ ମଧ୍ୟ ମିଳିଛି । ଏହାପରେ ଜଗଦୀଶ ସାହୁଙ୍କ ଖୁସି କହିଲେ ନସରେ । ଚାଷ କରି ୪ ପୁଅଙ୍କ ପ୍ରତିପୋଷଣ କରି ଘର ତିଆରି କରି, ଗୋଟିଏ ଝିଅର ମଧ୍ୟ ବାହା କରିଛନ୍ତି । ଆହୁରି ମଧ୍ୟ କୃଷି ବିଭାଗ ତରଫରୁ ସବ୍‌ସିଡିରେ ଗୋଟିଏ ପାୱାର ଟିଲର ମଧ୍ୟ ଆଣିଛନ୍ତି । ଯାହାକି ଚାଷ ପାଇଁ ସୁବିଧା ହୋଇଛି । ଅନ୍ୟ ଉପରେ ନିର୍ଭର କରିବାକୁ ପଡୁନାହିଁ । ଆଗକୁ ପୋଟଳ ଚାଷରେ ୪ ମାସରେ ୪୦,୦୦୦/ ଟଙ୍କା ବିକ୍ରି କରିବାର ଲକ୍ଷ୍ୟ ରଖିଛନ୍ତି । ମୋଟ ୩୦ ଡିସିମିଲରେ ଗୋଟିଏ ବର୍ଷରେ ୧,୦୦,୦୦୦/- ଟଙ୍କାରୁ ଉର୍ଦ୍ଧ ରୋଜଗାର କରିଥିବା ବେଳେ ଏହି ଚାଷରେ ଲାଭ ଅଛି ଆଉ ଆଗକୁ ପୋଟଳ ଚାଷ ଅଧିକ କରି ଅଧିକ ରୋଜଗାର କରିବାର ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ସରକାରଙ୍କ ଉଦ୍ୟମରେ କୃଷି ବିଭାଗରୁ ନୂତନ ଜ୍ଞାନ କୌଶଳରେ ପୋଟଳ ଚାଷ ଟ୍ରେଲିଜ୍ ବା ଖୁଂଟ ଓ ଜାଲି ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜଗଦୀଶ କହିଛନ୍ତି ।

# ଆବାସ ଯୋଜନା ସାତ ସପନ: ତାଳବରଡ଼ା ତଳେ ୩୦ ପରିବାର



ବୌଦ୍ଧ, ୦୬/୧୧ (ନି.ପ୍ର): ବୌଦ୍ଧ-ବଘିଆପଡ଼ା ରାସ୍ତା କଡ଼ ସିତରାସାହିର ଲୋକଙ୍କ ପାଇଁ ଆବାସ ଯୋଜନା ସାତ ସପନ ହୋଇଛି। ଏଠାରେ ରହୁଥିବା ୩୦ ସିତରା ପରିବାର ଏବେ ବି ତାଳବରଡ଼ା ଓ ପଲିଥିନ୍ କୁଡ଼ିଆରେ କାଳ କାଟୁଛନ୍ତି। ସୂଚନା ଅନୁଯାୟୀ, ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ଏମାନେ ବିସ୍ଥାପିତ ହୋଇଥିବା କହୁଛନ୍ତି। ପୂର୍ବ ଠିକଣା ବର୍ତ୍ତମାନର ପିଢ଼ିକୁ ଜଣାନାହିଁ। ପ୍ରଥମେ ହରଭଙ୍ଗା ବ୍ଲକ୍ ବନ୍ଧାପଥର ଗାଁ ମୁଣ୍ଡରେ ରହୁଥିଲେ। ପରବର୍ତ୍ତୀ ସମୟରେ ପୁଣି ବିସ୍ଥାପନର ଶିକାର ହୋଇ ପ୍ରାୟ ୧୫ ବର୍ଷରୁ ଅଧିକ ସମୟ ହେବ ରାସ୍ତାକଡ଼ ଖୋଲା ସ୍ଥାନରେ ବସବାସ କରୁଛନ୍ତି। ଘର କହିଲେ ତାଳବରଡ଼ା ତିଆରି କୁଡ଼ିଆ। ଛପର ମଧ୍ୟ ବରଡ଼ାରେ ହୋଇଛି। ତା' ଉପରେ ଢଙ୍କା ହୋଇଛି ପଲିଥିନ। କୁଡ଼ିଆରେ ଅଣ୍ଟାନୁଆଁଇ ପଶିବାକୁ ପଡ଼େ। ସାପ, ବିଛା ଭଳି ବିଷଧର ସରିସୃପଙ୍କ ସବୁବେଳେ ଭୟ ଥାଏ। ପୁରୁଷମାନେ ଟିଣଚଦର ଓ ଲୁହାରେ ନଡ଼ିଆକୋରା, ଚାଲୁଣୀ, ବିଭିନ୍ନ ଆକୃତିର ଚଟୁ, ପନିକି ଆଦି ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ତିଆରି କରନ୍ତି। ମହିଳାମାନେ ନିକଟସ୍ଥ ଜଙ୍ଗଲରୁ ଖଜୁରିପତ୍ର ସଂଗ୍ରହ କରି ମସିଣା ତିଆରି କରି ବିକ୍ରିବଟା କରନ୍ତି। ଏସବୁରୁ ଯାହା ଆୟ ହୁଏ ସେଥିରେ ଗୁଜୁରାଣ ମେଣ୍ଟାଇବା କଷ୍ଟ। ବୃତ୍ତିକୁ ନେଇ ଏମାନଙ୍କ ମନରେ କୌଣସି ଦୁଃଖ ନ ଥିବା ବେଳେ ଆବାସ ଯୋଜନାରେ ଘର ଖଣ୍ଡିଏ ଲେଖାଏଁ ପାଇବା ଆଶାରେ ରହିଛନ୍ତି। ଏ ବିଷୟରେ ହରଭଙ୍ଗା ବିଡିଓ ସ୍ୱପ୍ନିତା ନାୟକଙ୍କୁ ପଚାରିବାରେ ଘଟଣା ବିଷୟରେ ଶୁଣିବା ପରେ ପଞ୍ଚାୟତ ଇଓଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କହିଛନ୍ତି। ସୋମବାର ରିପୋର୍ଟ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# କୋରାପୁଟ-ଜଗଦଲପୁର ରୁଟରେ ରେଳ ଚଳାଚଳ ସ୍ୱାଭାବିକ ହେବ କେବେ ?



ଜୟପୁର, ୦୬/୧୧ (ନି.ପ୍ର): ଛତିଶଗଡ଼ର ଜଗଦଲପୁର ଠାରୁ ଆସୁଥିବା ବିଭିନ୍ନ ଟ୍ରେନ ଗୁଡିକ ତିନିରୁ ଚାରଟି ରାଜ୍ୟ ଦେଇ ଯିବା ଆସିବା କରୁଛନ୍ତି। ୪ ରାଜ୍ୟର ହଜାର ହଜାର ଲୋକେ ୪ଟି ଟ୍ରେନ ଉପରେ ନିର୍ଭର। ତେବେ ଗତ ମାସକ ତଳେ ମାନବାର-ଜରଟି ଷ୍ଟେସନ ପୂର୍ବରୁ ମାଟି ରେଳଟ୍ରାକ ଉପରେ ଖସିଥିଲା। ତା ପର ଠାରୁ ଜଗଦଲପୁର ଠାରୁ ୩ଟି ଟ୍ରେନ ଚଳାଚଳ କରୁଛି। ବଳକା ୨ଟି ଅନ୍ତଃରାଜ୍ୟ ଏକ୍ସପ୍ରେସ ସମଲେଶ୍ୱରୀ ଓ କିରଣ୍ଡଲ-ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସକୁ ବି ମାସ ହେବ ବନ୍ଦ କରାଯାଇଛି। ଏଭଳି ହିଁ ଗତ କୋଭିଡ ସମୟରେ ରାୟଗଡାରୁ ଦୁର୍ଗ ଯାଉଥିବା ଟ୍ରେନକୁ ବି ବନ୍ଦ କରାଯାଇଥିଲା। କୋଭିଡ ପରେ ଆଉ ଆରମ୍ଭ କରିନଥିବା ପୂର୍ବତଟ ରେଳବାଇ। ସେଭଳି ଏହି ଦୁଇ ଟ୍ରେନକୁ ବନ୍ଦ କରିବା ଯୋଜନା କରିଛି କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଜଗଦଲପୁରକୁ ସଂଯୋଗ କରି ଚାଲୁଥିବା ସମଲେଶ୍ୱରୀ ଏକ୍ସପ୍ରେସ ଛତିଶଗଡରୁ ବାହାରି ଓଡିଶାର ଜୟପୁର-କୋରାପୁଟ-ରାୟଗଡା-ସମ୍ବଲପୁର- ଆଦି ଦେଇ ପଶ୍ଚିମବଙ୍ଗର ହାୱାଡାକୁ ଯାଉଥିଲା। ଏହି ଟ୍ରେନରେ ଶହ ଶହ ବ୍ୟବସାୟୀ ଏବଂ ଲୋକେ ଯିବା ଆସିବା କରୁଥିଲେ। ଏପରିକି ସାଧାରଣ ଲେକଙ୍କ ଜୀବନବଂଚିବାର ରାହା ବି ପାଲଟିଥିଲା ଏହି ଟ୍ରେନ। ସ୍ୱଳ୍ପ ଟଙ୍କା ଓ ଅଳ୍ପ ସମୟ ମଧ୍ୟରେ ଲୋକେ କଲିକତା ପରି ମହାନଗରକୁ ଯିବା ଆସିବା କରି ପାରୁଥିଲେ। ଚିକିତ୍ସା ପାଇଁ ରୋଗୀଙ୍କ ଠାରୁ ଆରମ୍ଭ କରି ପାଠପଢ଼ା ପାଇଁ ଯାଉଥିବା ଛାତ୍ରଛାତ୍ରୀ, ପର୍ଯ୍ୟଟକ, ଏବଂ କଲିକତା ପର୍ଯ୍ୟନ୍ତ ରହିଥିବା ବିଭିନ୍ନ ଜିଲ୍ଲାର ଲୋକେ ଏହି ଟ୍ରେନରେ ଯିବା ଆସିବା କରୁଥିଲେ। ଅଚାନକ ଭାବେ ଏହା ବନ୍ଦ ହେବା ଫରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସେଭଳି କିରଣ୍ଡଲ-ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସକୁ ବନ୍ଦ କରିଛି ରେଳବାଇ କର୍ତ୍ତୃପକ୍ଷ। ଏହି ଦୁଇଟି ଯାକ ଟ୍ରେନ ସାଧାରଣ ଲୋକଙ୍କ ଯାତ୍ରା ପାଇଁ ପ୍ରମୁଖ ମାଧ୍ୟମ ସାଜିଥିଲା। ଅପରପକ୍ଷରେ ଏହି ଦୁଇ ଟ୍ରେନକୁ ବନ୍ଦ କରି ପୂର୍ବତଟ ରେଳବାଇ ଗୁଡସ୍ ଟ୍ରେନ ଚଳାଚଳକୁ ବୃଦ୍ଧି କରିଥିବା ସୂଚନା ମିଳିଛି। ଯଦିଓ ଉଭୟ ରୁଟରେ ଥିବା ଟନେଲ କିମ୍ବା ପାହାଡ ନିକଟରେ ବର୍ଷା ମାସରେ ପଥର ଖସିବା, ମାଟି ଅତଡ଼ା ପଡ଼ିବା ଜାରୀ ରହିଛି। ତେବେ ରେଳବାଇ କର୍ତ୍ତୃପକ୍ଷ କାହିଁକି ବ୍ଲକ ସ୍ପଟ ଚିହ୍ନଟ କରି ସେଠାରେ ଏସବୁ ହଟାଇବା ଯନ୍ତ୍ରପାତି ଓ କଂଚାମାଲ ଆଦି ଜମା କରି ରଖୁନି ବୋଲି ପ୍ରଶ୍ନ ଉଠିଛି। ବିଜୟନଗରମ୍ ନିକଟରେ ରେଳଦୁର୍ଘଟଣା ପରେ ମାତ୍ର ୧୯ଘଣ୍ଟାରେ ଲାଇନ୍ କ୍ଲିୟର କରି ଟ୍ରେନ ଚଳାଚଳ କରିଥିବା ପୂର୍ବତଟ ରେଳବାଇ। ଅପରପକ୍ଷରେ ମାନବାର-ଜରଟି ନିକଟରୁ ମାଟି ଅତଡା ବାହାର କରିବା ପାଇଁ ୧୫ଦିନ ସମୟ ଲାଗିଯାଇଥିଲା। ପାତର ଅନ୍ତର କରି ଓଡିଶାରେ ରେଳଚଳାଇବାକୁ ରେଳବାଇ ଚାହୁଁନି କି ବୋଲି ଆଇନଜୀବୀ ଅଜିତ ପାତ୍ର, ଅରୁଣ ପଣ୍ଡା ପ୍ରମୁଖ ପ୍ରଶ୍ନ କରିଛନ୍ତି। ଟିଟିଲାଗଡ ପର୍ଯ୍ୟନ୍ତ ସମଲେଶ୍ୱରୀ ଆସି ଫେରିଯିବାର ଉଦ୍ଦେଶ୍ୟ କଣ ବୋଲି ଆଇନଜୀବୀ ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ଦୁଇଟି ଯାକ ଟ୍ରେନ ଚଳାଚଳ ସ୍ୱାଭାବିକ ନ କଲେ ଆଇନଜୀବୀଙ୍କୁ ନେଇ ଅନଶନ କରାଯିବ ବୋଲି ଶ୍ରୀ ପାତ୍ର ଚେତାବନୀ ଦେଇଛନ୍ତି।

# ବାଲିସାହି ରାସ୍ତା ଓସାରୀକରଣ କେବେ ?

ପୁରୀ, ୦୬/୧୧ (ନି.ପ୍ର): ବିଶ୍ୱ ବିଖ୍ୟାତ ସହର ହେବ ପୁରୀ । ବିଶ୍ୱର ଧାର୍ମିକ ପୀଠ ମଧ୍ୟରେ ପୁରୀ ଅନ୍ୟତମ । ବିଶ୍ୱସ୍ତରୀୟ ଐତିହ୍ୟ ସହର ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି । ପୁରୀ ଚାରିପଟ ଲିଙ୍କ୍ ରୋଡ଼୍ ସହ ଶ୍ରୀସେତୁ ଓ ବିମାନ ବନ୍ଦର ନିର୍ମିତ ହେବ । ଏସବୁ ସତ୍ୱେ ପୁରୀକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ ଆସୁଛନ୍ତି । ସେମାନେ ସିଂହଦ୍ୱାରରୁ-ସ୍ୱର୍ଗଦ୍ୱାର ସମୁଦ୍ରକୂଳ ଯିବା ପାଇଁ ବାଲିସାହି ହେଉଛି ପ୍ରମୁଖ ରାସ୍ତା । ଗତ କିଛି ମାସ ତଳେ ଜିଲ୍ଲାପାଳ ଓ ପ୍ରଶାସନ ଅଧିକାରୀମାନେ ବାଲିସାହିର ମୁରବି ଓ କ୍ଷତିଗ୍ରସ୍ତ ବ୍ୟବସାୟୀ ଓ ଘର ମାଲିକଙ୍କୁ ଡ଼ାକି ବୈଠକ କରିବା ସହ ଖୁବ ଶୀଘ୍ର ଏହି ରାସ୍ତାର ଓସାରୀକରଣ ହେବ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ଇତିମଧ୍ୟରେ ଦୀର୍ଘ ଏକ ବର୍ଷ ବିତିଲାଣି, ସେହି ରାସ୍ତା ଓସାରୀକରଣ ହେଉନାହିଁ କି ରାସ୍ତା ମରାମତି ହେଉନାହିଁ । ଯାହାଫଳରେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଚାଲି କରି ଯିବା ସମୟରେ ଝୁଂଟିବା ସହ ଆହତ ହେଉଛନ୍ତି । ଅନ୍ୟପକ୍ଷରେ ଡ଼ିଜେଲ ଅଟୋ, ଇ -ଅଟୋ, ବାଇକ୍ ଓ ରିକ୍ସା ଯାତାୟାତ ଯୋଗୁ ରାସ୍ତା ସବୁବେଳେ ଜାମ୍ ରହୁଛି । ଏହା ସହ କିଛି ଖଜା ଓ ମିଠା ଦୋକାନୀ ରାସ୍ତା ଉପରେ ଟେବୁଲ ରଖି ପସରା ରଖୁଥିବାରୁ ରାସ୍ତା ସଂକୀର୍ଣ୍ଣ ହେଉଛି । ଗ୍ରାହକମାନେ ଦୋକାନରେ ଜିନିଷ କିଣିବା ସମୟରେ ବାଇକ୍ ଓ ସାଇକେଲ ଗୁଡ଼ିକ ରାସ୍ତାର ମଝିରେ ରଖୁଛନ୍ତି । ଯାହାଫଳରେ ଯାତ୍ରୀ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି । ପ୍ରତି ଅମାବାସ୍ୟା ଦିନ ଅମାବାସ୍ୟା ନାରାୟଣ ବିମାନ ଯୋଗେ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟରେ ସାଗର ବିଜେ ନୀତି ଅନୁଷ୍ଠିତ ହେଉଛି । ବିମାନ ଯିବା ସମୟରେ ଗହଳି ହେଉଥିବାରୁ ଲୋକଙ୍କୁ ଆଡ଼େଇ ବିମାନ ନିଆଯାଉଛି । ଏହି ରାସ୍ତାକୁ ୬୦ ଫୁଟ କରିବା ସହ ମଝିରେ ଡ଼ିଭାଇଡ଼ର ଫିଙ୍କ୍ସିଂ କରାଯାଇ ଆଲୋକୀକରଣ କରାଯିବା ପାଇଁ ପର୍ଯ୍ୟଟକ ମହଲରେ ଦାବି ହେଉଛି ।

# ଗଞ୍ଜାମ : ଭଡ଼ା ଘରେ ଚାଲିଛି ୬୭୭ ଅଙ୍ଗନବାଡ଼ି କେନ୍ଦ୍ର

ଗଞ୍ଜାମ, ୦୬/୧୧ (ନି.ପ୍ର): ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହିତ ପିଲାଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷାଦାନ ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି, କିନ୍ତୁ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଆବଶ୍ୟକ ଭିତିଭୂମି ଯୋଗାଇ ଦିଆଯାଇପାରୁନାହିଁ । ଫଳରେ ଅଙ୍ଗନବାଡ଼ି କର୍ମୀ ତଥା ପିଲାମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ଗଞ୍ଜାମ ଜିଲ୍ଲାରେ ମୋଟ୍ ୫୧୬୧ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ସେଥିମଧ୍ୟରୁ ୩୫୫୦ କେନ୍ଦ୍ର ନିଜସ୍ୱ କୋଠାରେ ଚାଲିଥିବା ବେଳେ ୧୬୧୧ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ୬୭୭ କେନ୍ଦ୍ର ଭଡ଼ା ଘରେ ଚାଲିଥିବା ବେଳେ ୯୩୪ କେନ୍ଦ୍ର ବିଭିନ୍ନ ସ୍କୁଲ, ଗାଁରେ ଥିବା କୋଠଘର ଓ କମ୍ୟୁନିଟି ସେଂଟରରେ ଚାଲିଛି । ଏବଂ ଯେଉଁ କେନ୍ଦ୍ରର ଘର ନାହିଁ, ସେଗୁଡିକର ସ୍ଥାୟୀ କୋଠା ନିର୍ମାଣ ନିମନ୍ତେ ସମ୍ପୃକ୍ତ ବ୍ଲକର ବିଡ଼ିଓଙ୍କୁ ଟଙ୍କା ପ୍ରଦାନ କରାଯାଇଛି ବୋଲି ଗଞ୍ଜାମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅବିଦା ବେଗମ ସୂଚନା ଦେଇଛନ୍ତି ।

# ମୁକ୍ତ ଆକାଶ ତଳେ ଚିତ୍ରାଙ୍କନ ପ୍ରତିଯୋଗିତା

ଜୟପୁର, ୦୬/୧୧ (ନି.ପ୍ର): ନୂଆ ପିଢ଼ୀର ଚିତ୍ରକରଙ୍କୁ ଉତ୍ସାହ ତଥା ପ୍ରେରଣା ଦେବା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱାର ମହିଳା ଶାଖା ଦ୍ୱାରା ଆଜି ଜୟପୁର ଚିତ ବିନୋଦନ ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଥିଲା ଚିତ୍ରାଙ୍କନ ପ୍ରତିଯୋଗୀତା। ମୁକ୍ତାକାଶ ତଳେ ଜଗନ୍ନାଥ ସାଗର କୂଳେ ସତେଜ ସକାଳବେଳାରେ ବିଭିନ୍ନ ବର୍ଗର, ବିଶେଷ କରି ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରର ଛାତ୍ର ଛାତ୍ରୀଙ୍କୁ ନେଇ ଆୟୋଜିତ ଏଇ ଚିତ୍ରାଙ୍କନ ପ୍ରତିଯୋଗୀତାରେ ବୟସ୍କ ତଥା ଅଭିଜ୍ଞ ଚିତ୍ରକରମାନେ ମଧ୍ୟ ସାମିଲ ହୋଇଥିଲେ। ଉଦ୍ଦେଶ୍ୟ ଥିଲା ନୂଆ ପିଢୀଙ୍କୁ ଉତ୍ସାହିତ କରିବା।

ଏଥରର ଚିତ୍ରାଙ୍କନର ବଷୟ ଥିଲା ମୁଁ ଆଉ ମୋ ପରିବେଶ, ଏଥିରେ ବିଦ୍ୟାଳୟ ସ୍ତରରୁ ୨୪୪ ଜଣ, ମହା ବିଦ୍ୟାଳୟ ସ୍ତରରୁ ୪୫ ଜଣ ଏବଂ ତାଲିମ ନେଉଥିବା ବିଦ୍ୟାର୍ଥୀ ୫ ଜଣ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ସହ ଜୟପୁରର ଅଭିଜ୍ଞ ଚିତ୍ରକରମାନେ ୧୨ ଜଣ ଯୋଗଦେଇ, ପରିବେଶ ପ୍ରତି ସେମାନଙ୍କ ଅନ୍ତରଙ୍ଗ ଭାବନାକୁ ନିଜ ଚିତ୍ରରେ ରଙ୍ଗ ଭରିଥିଲେ। ଶତାଧିକ ଚିତ୍ରକରଙ୍କୁ ଏକାଠି ହୋଇ ନିଜ ନିଜ ଭାବନାକୁ ସୁନ୍ଦର ଚିତ୍ରର ରୂପ ଦେବା ଦେଖି ଅବିଭାବକ, ନିମନ୍ତ୍ରିତ ଅତିଥୀ ତଥା ଆୟୋଜକଙ୍କ ମନରେ ଖୁସୀର ଲହରୀ ସଂଚରୀ ଯାଇଥିଲା। ଏହି ପ୍ରତିଯୋଗୀତାର କନିଷ୍ଠ ବର୍ଗରେ ଜି.ସତ୍ୟମ ଆଚାରୀ, ପ୍ରଥମ, ଜୁନାରୀୟା ତବାସୁମ, ଦ୍ୱିତୀୟ, ତନ୍ୱିଷା ତନୁଶ୍ରୀ ପଣ୍ଡା ତୃତୀୟ ସ୍ଥାନର ବିଜେତା ହୋଇଥିବା ବେଳେ ଶ୍ୱେତା ସିଂ ସାନ୍ତ୍ୱନାମୂଳକ ପୁରଷ୍କାର ଦିଆଯାଇଥିଲା। ସେହିପରି ବରିଷ୍ଠ ବର୍ଗରେ ଜି.କାବ୍ୟା ପ୍ରଥମ, ଶ୍ରୀପଦ୍ମା ସାହୁ ଦ୍ୱିତୀୟ, ସ୍ମୃତୀ ପାଢୀ ତୃତୀୟ ସ୍ଥାନର ବିଜେତା ହୋଇଥିବା ଏବଂ ତାଲୀମପ୍ରାପ୍ତ ବର୍ଗରେ ବର୍ଗରେ ସ୍ୱହେବ ଗୌଡ ପ୍ରଥମ, ଧରଣୀଧର ନାୟକ ଦ୍ୱିତୀୟ, ତାପସ ରଂଜନ ପଣ୍ଡା ତୃତୀୟ ସ୍ଥାନରବିଜେତା ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଜୟପୁର ପୌର ନିର୍ବାହୀଅଧିକାରୀ ଶ୍ରୀ ସିଦ୍ଧାର୍ଥ ପଟ୍ଟନାୟକ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ରୂପେ ଶ୍ରୀ ନରେନ୍ଦ୍ର ପଟ୍ଟନାୟକ, ଶ୍ରୀ ଶଶୀଭୂଷଣ ପଟ୍ଟନାୟକ ଏବଂ ଶ୍ରୀ ପ୍ରକାଶ ନାୟକ ଯୋଗ ଦେଇ ବିଜେତା ଚିତ୍ରଶୀଳ୍ପୀମାନଙ୍କୁ ପୁରଷ୍କାର ପ୍ରଦାନ କରିଥିଲେ। ଏଇ ଚିତ୍ରାଙ୍କନ ପ୍ରତିଯୋଗୀତାରେ ବିଚାରକ ଭାବେ ସର୍ବଶ୍ରୀ ଯୁଧିଷ୍ଠିର ମଲ୍ଲିକ, ବୁଲୁ ଅମାୟିକା, ପି.ଶ୍ରୀନିବାସ, ପଦ୍ମଚରଣ ଚୈଧୁରୀ, ସୁନୀଲ ସାଗର, ଦିନେଶ ସାହୁ ଏବଂ ପ୍ରଭାକର ମହାରଣା ପ୍ରମୁଖ ମୂଲ୍ୟାଙ୍କନ କରିଥିଲା ବେଳେ ଏକ ସଂଗୀତମୟ ପରିବେଶରେ ପୁରସ୍କାର ବିତରଣୀ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ସୁନାମଧନ୍ୟ କଣ୍ଠଶିଳ୍ପୀ ସନାତନ ପୁରୋହିତ ଦାଶ ନିଜ ସୁଲଳିତ କଣ୍ଠର ଯାଦୁରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଥିଲା ବେଳେ ବଂଶୀର ମୁର୍ଚ୍ଛନାରେ ଦର୍ଶକଙ୍କୁ ଭିନ୍ନ ଏକ ଜଗତକୁ ନେଇ ଯାଇଥିଲେ ବଂଶୀବାଦକ ଶ୍ରୀ ରବୀନ ମହାନନ୍ଦିଆ। ଆଉ ପତ୍ରିଯୋଗୀଙ୍କୁ ଚିତ୍ରାଙ୍କନ ସମ୍ପର୍କରେ ଉଦବୋଧନ ଦୋଇଥିଲେ ଯୁବ ଚିତ୍ରକର ବିଶାଲ ପଟ୍ଟନାୟକ ଏବଂ ଶ୍ରୀମତୀ ମନୋସ୍ୱିନୀ ମହାରଣା। ସିଓ୍ୱାର ମହିଳା ଶାଖା ସଂପାଦିକା ଶ୍ରୀମତୀ ବିଜୟାଲକ୍ଷ୍ମୀ ପାଣିଗ୍ରାହୀ ମଂଚ ପରିଚାଳନା କରିଥିଲାବେଳେ କାର୍ଯକ୍ରମ ଆୟୋଜନରେ ସାମିଲ ହୋଇଥିଲେ ସଭାନେତ୍ରୀ ସୁମନ ମୁଦା, ମମତା ନାୟକ, ବାଣୀ ପଟ୍ଟନାୟକ, ମମତା ଦାଶ, ଜୟା ମିଶ୍ର, ଗୀତାରାଣୀ ପଣ୍ଡା, ସୁନିତା ପଟ୍ଟନାୟକ, ସଂଧ୍ୟାରାଣୀ ପଟ୍ଟନାୟକ, ମଧୁସ୍ମିତା ମହାପାତ୍ର, ଭୂଲକ୍ଷ୍ମୀ ଆଚାରୀ, ମମତାଞ୍ଜଳୀ ପାତ୍ର, ମମତା ମହାପାତ୍ର, କେ.ଦିବ୍ୟା, ଶୁଭସ୍ମିତା ସାନ୍ତା,ମମତା ସାହୁ, ସଂଯୁକ୍ତା ଷଡଙ୍ଗୀ, ମାମାଲୀ ନାୟକ। ଆଗାମୀ ଦିନରେ ଉତ୍ସାହୀ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ କର୍ମଶାଳା ଆୟୋଜନ କରିବାର ଲକ୍ଷ୍ୟ ରଖାଯାଇଥିବା ସଂମ୍ପର୍କରେ ମଧ୍ୟ ସିଓ୍ୱା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା ।

# ମୋଟର ଯାନ ସଂଶୋଧନ ଅଧିନିୟମ ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୦୬/୧୧ (ନି.ପ୍ର): ମୋଟର ଯାନ ସଂଶୋଧନ ଅଧିନିୟମ ଏବଂ ମୋଟର ଯାନ ସଂଶୋଧନ ନିୟମ, ୨୦୨୨ର ଏକାଦଶ ଅଧ୍ୟାୟ ଏବଂ ଦ୍ୱାଦଶ ଅଧ୍ୟାୟର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସକାଶେ ଅଂଶଗ୍ରହଣକାରୀଙ୍କୁ ସଚେତନତା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୧୫ ଡିସେମ୍ବର, ୨୦୨୨ର ସିଭିଲ୍ ଅପିଲ୍ ନଂ ୯୩୨୨/୨୦୨୨ (ଗୋହର ମହମ୍ମଦ ବନାମ ଉତରପ୍ରଦେଶ ରାଜ୍ୟ ସଡକ ପରିବହନ ନିଗମ ଏବଂ ଅନ୍ୟାନ୍ୟ)ରେ ପାରିତ ହୋଇଥିବା ନିର୍ଦ୍ଦେଶକୁ ଯଥାର୍ଥ ଭାବରେ ପାଳନ କରିବା ଉଦ୍ଦେଶ୍ୟରେ ସମସ୍ତ ହିତାଧିକାରୀଙ୍କୁ ମୋଟର ଯାନ ସଂଶୋଧନ ଅଧିନିୟମ ଏବଂ ମୋଟର ଯାନ ସଂଶୋଧନ ନିୟମ, ୨୦୨୨ର ଏକାଦଶ ଅଧ୍ୟାୟ ଏବଂ ଦ୍ୱାଦଶ ଅଧ୍ୟାୟର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ୱାବଧାନରେ ପ୍ରଥମ ସଚେତନତା ଶିବିର ତା-୦୩.୦୯.୨୦୨୩ ରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଭାଗୃହ ଠାରେ ହୋଇଥିଲା । ଦ୍ୱିତୀୟ ଶିବିର ତା-୧୪.୧୦.୨୦୨୩ ରିଖରେ ସିଭିଲ କୋର୍ଟ, କୋରାପୁଟ ଠାରେ ଅନିଷ୍ଠିତ ହୋଇଥିଲା ଓ ପରିଶେଷରେ କୋରାପୁଟ ଜିଲ୍ଲାର ଅବଶିଷ୍ଟ ଥାନା ମାନଙ୍କୁ ଆଜି ତା-୦୫-୧୧-୨୦୨୩ ରିଖରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଯଥାର୍ଥ ଭାବରେ ପାଳନ କରିବା ଉଦ୍ଦେଶ୍ୟରେ ପୁଣିଥରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଭାଗୃହ ଠାରେ ସଚେତନତା କର୍ମଶାଳା ଅନୁଷ୍ଠିତ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ଗରିବ ଶ୍ରେଣୀର ପୀଡିତ/ପୀଡ଼ିତା ଉପକୃତ ହେବା ସକାଶେ ସମସ୍ତ ଥାନା ଅଧିକାରୀଙ୍କୁ ଜିଲ୍ଲା ଓ ଦୌରା ଜଜ ତଥା ଅଧକ୍ଷ ବିସ୍ତୃତ ଭାବେ ଆଲୋକପାତ କରିଥିଲେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁମନ ଜେନା ପରିଚାଳନା କରିଥିବା ବେଳେ ଜିଲା ଜଜ ତଥା ଅଧକ୍ଷ ସତ୍ୟ ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ।

## ଆଜୀବନ ସ୍ୱାଧୀନତା...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ପୋସ୍କୋ ବିରୋଧୀ ଆନ୍ଦୋଳନରେ ମଧ୍ୟ ଯୋଗଦେଇ ସେ ଜଗତସିଂହପୁରଠାରେ ନିଜର ଅଭିଭାଷଣ ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ସମ୍ମାନ ସୂଚକ ଡିଲିଟ୍ ଡିଗ୍ରୀ ସହ ଅମୃତ ଅନୁଭବ ପାଇଁ ସାରଳା ସମ୍ମାନ, ପ୍ରାଣନାଥ କଲେଜରୁ ପ୍ରାଣନାଥ ସମ୍ମାନ, ରାଷ୍ଟ୍ରପତିଙ୍କ ଠାରୁ ସ୍ୱାଧୀନତା ସଂଗ୍ରାମୀ ସମ୍ମାନ, ଆର୍ନ୍ତଜାତୀୟ ରୋଟାରୀ ସମ୍ମାନ, ଦିଓ୍ୱାଲୀ ବେନ୍ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ଆଜୀବନ ସେବିକା ସମ୍ମାନ ଏବଂ ଉତ୍କଳରତ୍ନ ସମ୍ମାନ, ରାଧାନାଥ ରଥ ସମ୍ମାନ, ରେଭେନ୍ସା କଲେଜରୁ ସମ୍ମାନ ଏହିଭଳି ଅନେକ, ଅନୁଷ୍ଠାନରୁ ମା' ଅନ୍ନପୂର୍ଣ୍ଣା ସମ୍ମାନିତ ହୋଇ ଦେଶ ଜାତିର ଗର୍ବ ହୋଇପାରିଛନ୍ତି।

ତାଙ୍କର ଲିଖିତ ଏବଂ ଅନୁବାଦିତ ପୁସ୍ତକ ଗୁଡ଼ିକ ହେଲା ଭାଗବତ ଧର୍ମସାର, ନାରୀଶକ୍ତି, କାରାଗାର କାହାଣୀ ରାଷ୍ଟ୍ରୀୟ ଯୋଜନାର ମୂଳକଥା, ଶାନ୍ତିସେନା, ସର୍ବୋଦୟ ସିଦ୍ଧାନ୍ତ, ଦସ୍ୟୁ ହୃଦୟରେ ଦେବତା, ସବୁ ଲୁଣ ଲୋକଙ୍କର, ସରଳା ଦେବୀ, ମାଳତୀ ଚୌଧୁରୀ, ସ୍ୱାଧୀନତା ସଂଗ୍ରାମରେ ଉତ୍କଳୀୟ ନାରୀ, ଲୁଣର ଗୁଣ, ସ୍ତ୍ରୀ ପୁରୁଷ ମର୍ଯ୍ୟାଦା, ବୁନିଆଦି ଶିକ୍ଷା, ଗାନ୍ଧି ଚରିତ, ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହ, ହିନ୍ଦ୍ ସ୍ୱରାଜ, ଦିବ୍ୟଦିପାବାଳୀ, ଅନାଶକ୍ତି ଯୋଗ।

ମା' ଅନ୍ନପୂର୍ଣ୍ଣା ୩୧ ଡିସେମ୍ବର ୨୦୧୨ ମସିହାରେ ଦେହତ୍ୟାଗ କଲେ, ମାତ୍ର ତାଙ୍କର ସଂକଳ୍ପ, ନିଷ୍ଠା, ତ୍ୟାଗ, ତିତିକ୍ଷା, ତପସ୍ୟା ସଂଗ୍ରାମରୁ ପ୍ରେରଣା ପାଇ ଯଦି ଆଜିର ଯୁବପିଢ଼ି ସମାଜର ତଥା ଦେଶର ବିକାଶ ପାଇଁ କାର୍ଯ୍ୟ କରିବେ ତେବେ ତାହାହିଁ ହେବ ମା' ଅନ୍ନପୂର୍ଣ୍ଣାଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି।

(ସମାପ୍ତ)

+ରଘୁନାଥଜୀଉ ମହାବିଦ୍ୟାଳୟ,
କଟକ

## ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୬/୧୧ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମିର ପ୍ରଥମ ସଭାପତି, ଓଡିଶା ବିଧାନସଭାର ପୁର୍ବତନ ବାଚସ୍ପତି ତଥା ଉତ୍କଳ ସମ୍ମିଳନୀର ପୁର୍ବତନ ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଅତିଥୀ ଭାବେ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତିର ସମ୍ପାଦକ ତଥା ବରପୁତ୍ରଙ୍କ ନାତି ପୂର୍ଣ୍ଣେନ୍ଦୁ କୁମାର ଦାସ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶେଷ ଇଚ୍ଛା ଥିଲା "ସେ ମଲା ପରେ ନୀଳକଣ୍ଠ ରହିବ, ଓଡିଶାର ସବୁକାମ କରିବ ଓ ତାକୁଧରି ତୁମେ ସମସ୍ତେ ଚଳିବ"। ସଭାରେ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ ଓ ସମ୍ପାଦକ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ସଂସ୍କୃତି ଓ ଆଧୁନିକତାର...

ଓଡିଶାର ସଂସ୍କୃତିର ମୂଳ ଭିତ୍ତିକୁ ସୁଦୃଢ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳ ଭିତ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡିକୁ ବିକାଶର ଶିଖରରେ ପହଞ୍ଚାଇବ। ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହିଁ ବିକାଶର ଆଦର୍ଶ ମାର୍ଗ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ସେ ପୁଣି କହିଲେ ଯେ ଆମର ସୁଦୃଢ ସାଂସ୍କୃତିକ ଭିତ୍ତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍‌ବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡିଶା ତା'ର ଡେଣାକୁ ଆହୁରି ପ୍ରସାରିତ କରି ନୂଆ ଶିଖରରେ ପହଞ୍ଚିବ ଏବଂ ଆମେ ଗଢିବା ନୂଆ ଓଡିଶା ନବୀନ ଓଡିଶା। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହେବ ଆଧୁନିକ ଓଡିଶାର ପରିଚୟ। ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ ?ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ନୂଆ ଓଡିଶାରେ ଆମର ଭିତ୍ତିଭୂମି ହେବ ସୁଦୃଢ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡିଶା ପରିକଳ୍ପନା ପାଇବ ସାକାର ରୂପ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ। ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ ଏବେ ଓଡିଶାରେ ଗାଁ ଲୋକମାନେ ବିକାଶର ପ୍ରକୃତ ଭାଗିଦାର ହୋଇଛନ୍ତି। ସେମାନଙ୍କ ଦାବୀ, ସେମାନଙ୍କ ଅନୁରୋଧ ଅନୁଯାୟୀ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ଆମେ ସମସ୍ତେ ମିଶି ଗାଁର ବିକାଶ କରିବୁ, ଭଲ କାମ କରିବୁ, ଶୀଘ୍ର କରିବୁ ଓ ସ୍ୱଚ୍ଛତାର ସହ କରିବୁ। ସେ ପୁଣି କହିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ହେଉଛି ୫ମ ପାଳି। ଏଥିରେ ସେ ମା'ମାନଙ୍କ ପାଇଁ ୫ଟି ଉପହାର ଦେଇଛନ୍ତି। ୫ ଟଙ୍କାରେ ଆହାର, ୫ ଟଙ୍କାରେ ଲକ୍ଷ୍ମୀ ବସ, ମମତାରେ ୫ ହଜାର ଟଙ୍କା, ମିସନ ଶକ୍ତିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ, ମା' ମାନଙ୍କ ପାଇଁ ଆଉ ୫ ଲକ୍ଷ ଟଙ୍କା ଦିଆଯାଉଛି ବୋଲି ୫ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ। ଶ୍ରୀ ପାଣ୍ଡିଆନ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ୧୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୯୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନୁଗୋଳ ଜିଲ୍ଲାର ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୪୪.୮୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଗଜପତି ଜିଲ୍ଲାର ୨ଟି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୩୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୨୪.୦୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ। ୩ଟି ଜିଲ୍ଲାରେ ସମୁଦାୟ ୧୧୮ ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୪୬୪.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ୫ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀ କାନ୍ତ ସିଂହ, ସାଂସଦ ଚନ୍ଦ୍ରଶେଖର ସାହୁ, ସାଂସଦ ମହେଶ ସାହୁ, ସାଂସଦ ଡଃ ଅଚ୍ୟୁତାନନ୍ଦ ସାମନ୍ତ, ବିଧାୟକ ଚକ୍ରମଣି କହଁର, ବିଧାୟକ ସାଲୁଗା ପ୍ରଧାନ, ବିଧାୟକ ଅଙ୍ଗଦ କହଁର, ବିଧାୟକ ବ୍ରଜ କିଶୋର ପ୍ରଧାନ, ବିଧାୟକ ମୁକେଶ ପାଲ୍, ବିଧାୟକ ସୁଶାନ୍ତ ବେହେରା, ବିଧାୟକ ରମେଶ ଚନ୍ଦ୍ର ସାଇ, ସମେତ ଜିଲ୍ଲାପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସୀ ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। ଉପସ୍ଥିତ ବିଧାୟକ ଓ ସ୍ଥାନୀୟ ନେତୃବୃନ୍ଦ କହିଲେ ଯେ ୭ ଦିନରେ ସମସ୍ୟା ସମାଧାନ ବାସ୍ତବରେ ଅଭୂତପୂର୍ବ। ଏହା ଆମ ସମସ୍ତଙ୍କ ପାଇଁ ଖୁସି ଆଣିଛି। କାର୍ଯ୍ୟକ୍ରମରେ ୩ଟି ଜିଲ୍ଲାର ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ପୁଅର ଜଘନ୍ୟ କାଣ୍ଡ: ପିଟି ...

ଯାହା ଲୋକଙ୍କ ସ୍ୱାସ୍ଥ୍ୟପ୍ରତି ଅତ୍ୟନ୍ତ କ୍ଷତିକାରକ। ଦିନକୁ ୨୫ରୁ ୩୦ ସିଗାରେଟ ପିଇଲେ ସ୍ୱାସ୍ଥ୍ୟପ୍ରତି ଯେତିକି କ୍ଷତିକାରକ ଦିଲ୍ଲୀ ବାୟୁ ଏବେ ସେତିକି କ୍ଷତିକାରକ ବୋଲି କୁହାଯାଉଛି। ବିଶ୍ୱରେ ସବୁଠୁ ପ୍ରଦୂଷିତ ସହର ଭିତରେ ଦିଲ୍ଲୀ ଏକ ନମ୍ବରରେ ରହିଛି। ପଞ୍ଜାବ, ହରିଆଣାରେ କୃଷକମାନେ ବିଲରେ ଜାଳୁଥିବା ନଡାର ଧୂଆଁ ଦିଲ୍ଲୀ ପ୍ରଦୂଷଣର ପ୍ରମୁଖ କାରଣ ବୋଲି କୁହାଯାଉଛି। ପ୍ରଦୂଷଣ କମାଇବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁଥିଲେ ବି ତାହା ଯଥେଷ୍ଟ ନୁହେଁ ବିଶେଷଜ୍ଞମାନେ ମତ ଦେଉଛନ୍ତି।

### ଭୁବନେଶ୍ୱରରୁ ଜୟପୁରକୁ...

ବଜେଟରେ ଏୟାରପୋର୍ଟ ନିର୍ମାଣ ଚାଲିଥିବା କହିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୩୧ ତାରିଖରେ କୋରାପୁଟ ଜିଲ୍ଲା ଜୟପୁରକୁ ପ୍ରଥମ ବିମାନ ସେବା ଆରମ୍ଭ ହୋଇଥିଲା। ଭୁବନେଶ୍ୱରରୁ ଜୟପୁରକୁ ଇଣ୍ଡିଆ ଓ୍ୱାନ୍ ଏୟାର ବିମାନ ଉଡ଼ିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ।

### ପୁଅର ଜଘନ୍ୟ ...

ଏହି ସମୟରେ ଘରେ କୌଣସି କଥାକୁ ନେଇ ପଦୁ ମୁଣ୍ଡା ଓ ପୁଅ ଚକ୍ର ମୁଣ୍ଡା ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଚକ୍ର ମୁଣ୍ଡା ବାପାକୁ ଠେଙ୍ଗାରେ ପିଟିଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହେତୁ ଘରେ ଛଟପଟ ହୋଇ ତାଙ୍କ ଜୀବନ ଚାଲି ଯାଇଥିଲା। ଏହାଦେଖି ଚକ୍ର ମୁଣ୍ଡା ଫେରାର ହୋଇ ଯାଇଥିଲେ। ଖବର ପାଇ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଚକ୍ର ମୁଣ୍ଡାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଖୋର୍ଦ୍ଧା ବ୍ଲକରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା, ୬/୧୧ (ନି.ପ୍ର): ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ମୋଟ୯୪ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୮୪ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୬ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୦୧ ଜଣଙ୍କୁ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିବାବେଳେ / ଆରକ୍ଷୀ ଅଧିକ୍ଷକ, ସିଦ୍ଧାର୍ଥ କାଟାରିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବାଦଲ କୁମାର ମହାନ୍ତି, ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ଦୀପ୍ତି ରଞ୍ଜନ ସେଠୀ, ସି ଡ଼ି ଏମ୍ ଓ, ଡଃ ଆର୍ଦ୍ଧେନ୍ଦୁ ନାୟକ, ବିଡିଓ, ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ




ଭୁବନେଶ୍ୱର, ୬/୧୧ (ନି.ପ୍ର): ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ) ଓଡ଼ିଶା ପରିମଣ୍ଡଳ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦଯାପିତ ହୋଇଯାଇଛି। ଗତ ଅକ୍ଟୋବର ୩୦ ତାରିଖ ଠାରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଏସଏନଏଲ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଉଦଯାପନୀ ସମାରୋହରେ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଆର.ଏନ. ପଲେଇ ଅଧ୍ୟକ୍ଷତା କରିଥିବା ବେଳେ ବହୁ ବରିଷ୍ଠ ଅଧିକାରୀ ଏଥିରେ ଯୋଗ ଦେଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବକ୍ତୃତା ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ମହାପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସାର୍ବଜନୀନ କ୍ରୟରେ ଟେଣ୍ଡର ପ୍ରକ୍ରିୟା ଉପରେ ନିରାକରଣ ଯୋଗ୍ୟ ଦୁର୍ନୀତି ନିବାରଣ ପଦକ୍ଷେପ, ବିଭାଗୀୟ କାର୍ଯ୍ୟାନୁଷ୍ଠାନରେ ଆଇଓ/ପିଓମାନଙ୍କର ଭୂମିକା ଏବଂ ପିଆଇଡିପିଆଇ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ସେମିନାର ଓ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ, ମାନବ ସମ୍ବଳ, ଭାରତ ନେଟ୍ ଆଦି ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ, ବିଭିନ୍ନ ବିଭାଗର ମୁଖ୍ୟଯନ୍ତ୍ରୀ, ଦୁର୍ନୀତି ନିବାରଣ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟପାଳ ରଘୁବର ଦାସ

ନୂଆଦିଲ୍ଲୀ/ଭୁବନେଶ୍ୱର, ୬/୧୧ (ନି.ପ୍ର): ଓଡିଶା ରାଜ୍ୟପାଳ ରଘୁବର ଦାସ ସୋମବାର ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ପ୍ରଧାନମନ୍ତ୍ରୀଙ୍କ ସହ ଓଡିଶାର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଟୁଇଟ୍ ଯୋଗେ ରାଜ୍ୟପାଳ ଏହି ସୂଚନା ଦେଇଛନ୍ତି।

## ବାଇଚଢେଇର ଶାରଦୀୟ ସଂଖ୍ୟା ଉନ୍ମୋଚିତ



ବାସୁଦେବପୁର, ୬/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆ ଗଡିଆ ପଂଚାୟତ କାର୍ଯ୍ୟାଳୟ ପରିସରରେ ଶିଶୁ ଓ କିଶୋର ପତ୍ରିକା ବାଇଚଢେଇ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବ ରେ କବି ସୁଦର୍ଶନ ଅଗସ୍ତି ସଭାପତିତ୍ୱ କରିଥିଲେ। ଭଦ୍ରକ ତ୍ୟାଗଭୂମି ର ସଭାପତି ଅଜୟ ନାୟକ, ଶିକ୍ଷାବିତ ଦୁଃଶାସନ ରାଉତ, କବି ସୁଧାଂଶୁ ଶେଖର ମିଶ୍ର, ମହାପ୍ରସାଦ ସ୍ୱାମୀ, କବି ଓ ସାମ୍ବାଦିକ ଭରତ ଚନ୍ଦ୍ର ଦାଶ, ହେମ ସୁନ୍ଦର ପଳିତା ପ୍ରମୁଖ ଏହି ଉତ୍ସବ ରେ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିବା ସହିତ ବାଇ ଚଢେଇ ପତ୍ରିକା କୁ ପ୍ରଶଂସା କରିଥିଲେ। ଏହି ଅବସରରେ ସୁଦର୍ଶନ ଅଗସ୍ତି ଙ୍କ ପୁସ୍ତକ ନିଶ୍ୱାସ କୁ ବିଶ୍ୱାସ ନାହିଁ, ଗଦାଧର ସାହୁ ଙ୍କ ପୁସ୍ତକ ନିର୍ମାଲ୍ୟ, ନଟବର ପାଢ଼ୀଙ୍କ ପୁସ୍ତକ ସକଳ ତୀର୍ଥ ତୋ ଚରଣେ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବ ରେ କାଇଁଚମାଳି ର ସମ୍ପାଦକ ହର ମୋହନ କୁଅଁର ଙ୍କୁ ବାଇ ଚଢେଇ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ଉମାକାନ୍ତ ମଲିକ ପ୍ରଥମ ଅଧିବେଶନ କୁ ଉଦଘାଟନ କରିଥିଲେ। ଏହି ଅବସରରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ସଦାନନ୍ଦ ପାଣିଗ୍ରାହୀ, ଗୟାଧର ଦାସ, ତପନ ମିତ୍ର, ବନିତା ନନ୍ଦ, ଶଶାଙ୍କ ଶେଖର ସାହୁ, ଭଗବାନ ମିଶ୍ର, ସୌମେନ୍ଦ୍ର ପଣ୍ଡୁଆ, ଅଧ୍ୟାପକ ବସନ୍ତ ଦାସ, ମନ୍ମଥ ଅଗସ୍ତି ପ୍ରମୁଖ କବିତା ପାଠ କରିଥିଲେ। ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ସଂଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଡିସିଆଲ ହବ ସଂପର୍କରେ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟାଙ୍କ ସହ ପକ୍ଷରୁ ମିଳିତ ବୈଠକ



ବାଲେଶ୍ୱର, ୬/୧୧ (ନି.ପ୍ର): ପ୍ରସ୍ତାବିତ ନୂତନ ଜୁଡିସିଆଲ ହବ୍ ନିର୍ମାଣ ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ ପ୍ରକ୍ରିୟା ଚାଲୁ ରହିଥିବାବେଳେ ଆଜି ପୂର୍ବାହ୍ନରେ ଜୁଡିସିଆଲ ହବ କ୍ରିୟାନୁଷ୍ଠାନ କମିଟିର ଅନୁରୋଧ କ୍ରମେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନଙ୍କ ଆବାହକତ୍ୱରେ ଏକ ମିଳିତ ଜରୁରୀ ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। କମିଟିର କର୍ମକର୍ତ୍ତାଙ୍କ ଦ୍ୱାରା ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା ଏବଂ ବ୍ଲକ ଅଧ୍ୟକ୍ଷ ମାନଙ୍କୁ ଅନୁରୋଧ ଏବଂ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଏହି ହବ୍ ପ୍ରସ୍ତାବିତ ରେମୁଣା ବ୍ଲକ୍ ଅଧିନସ୍ଥ ଏବଂ କଚେରୀଠାରୁ ୧୪ କିଲୋମିଟର ଦୂର ବିଦ୍ୟାଧର ପୁରକୁ ସ୍ଥାନାନ୍ତରିତ କରା ନଯାଇ ପୁରୁଣା କଚେରୀ ହତାରେ ଅତ୍ୟାଧୁନିକ କୋଠା ନିର୍ମାଣ କରି କରାଇବା କିମ୍ବା ଆଇଟିଆଇ ଛକ ନିକଟସ୍ଥ ଜଳସଂପଦ ବିଭାଗ, ବାଲେଶ୍ୱର ପରିସରରେ ଥିବା ସରକାରୀ ଜମିରେ ନିର୍ମାଣ କରିବା ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାମାନେ କମିଟିର ପ୍ରସ୍ତାବ ସହ ସହମତି ପ୍ରକାଶ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ସଦସ୍ୟମାନେ ନିଜ ନିଜ ଜୋନରେ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ନେଇ ବୈଠକ କରାଇ ରିଜୋଲୋସନ କରି ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ନେଇଥିଲେ। ଉକ୍ତ ବୈଠକରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଉପସଭାନେତ୍ରୀ ଅନୁସୟା ପ୍ରଧାନ, ସଭ୍ୟ ଗିରିଶ ଦତ୍ତଙ୍କ ସମେତ କମିଟିର ସଭାପତି ଗୌରୀ କୁମାର ରାଉତ, ଉପସଭାପତି ଉପେନ୍ଦ୍ର ପାତ୍ର, ମହମ୍ମଦ ଇସଲାମ, ଉପଦେଷ୍ଟା କବି କାଳୀପଦ ପଣ୍ଡା, ସଂପାଦକ ମାନସ ରଥ, ସହସମ୍ପାଦକ ପ୍ରଭାତ ଦାସ ଏବଂ ରବିନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ନିଜ ନିଜର ମତ ପ୍ରକାଶ କରିଥିଲେ।

## ବାଖରାବାଜ ଶିବମୁନି ଯୋଗାଶ୍ରମରେ ଶିବମୁନି ଜୀଙ୍କର ୧୪୦ ତମ ଶୁଭ ଜନ୍ମଜୟନ୍ତୀ ପାଳନ



ବାଖରାବାଜ, ୬/୧୧ (ନି.ପ୍ର): ବାଖରାବାଜ ଶିବମୁନି ଯୋଗାଶ୍ରମରେ ଆଶ୍ରମର ସ୍ଥାୟୀ ସଭାପତି ଆତ୍ମଜ୍ଞାନୀ କାଳିଚରଣ ମୁନିଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇ, ତାଙ୍କରି ସଭାପତିତ୍ୱରେ, ଆଦି ମୁନୀଶ୍ୱର ଯୋଗେଶ୍ୱର ସଦ୍ ଗୁରୁଦେବ ଶିବମୁନି ଜୀ ମହାରାଜଙ୍କ ୧୪୦ ତମ ଶୁଭ ଜନ୍ମଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ। ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗୀ ବିମଳ ମୁନିଜୀ ମହୋଦୟ।ମଞ୍ଚ ପରିଚାଳନା କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, ଆଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର୍ଷଣ ପାଲ ମହୋଦୟ, ଯୋଗୀ ସନାତନ ମୁନି ପ୍ରମୁଖ।ମୁନି ସଙ୍ଗୀତ ଗାନ କରିଥିଲେ ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ମହୋଦୟା। ଉପସ୍ଥିତ ଥିଲେ, ମୁନିମତୀ ଫୁଲମଣୀ ବେହେରା, ସୁମିତ୍ରା ବେହେରା, ହେମଲତା ସିଂ, ଅଞ୍ଜଳି ବେହେରା, ଆରତୀ ବେହେରା, ସବିତା ମାଝୀ, ବାସନ୍ତୀ ବେହେରା, ପାର୍ବତୀ ସିଂ, ଭରତ ସିଂ, ମୁନିମତୀ କନ୍ଦରୀ ହେମ୍ବ୍ରମ୍, ମୁନି ରାମ ହେମ୍ବ୍ରମ୍, ମିନତୀ ବେହେରା, ମୁନି ଗଙ୍ଗାଧର ପ୍ରଧାନ, ନାରାୟଣ ସରେନ୍ ପ୍ରମୁଖ। ପ୍ରଥମେ ସମୂହ ପ୍ରଣବ, ବେଦ ପାଠ, ଶାନ୍ତି ପାଠ, କରାଯାଇ, ଶିବମୁନି ଜୀଙ୍କର ଜୀବନୀ, ସିଦ୍ଧାନ୍ତ ଏବଂ ଦର୍ଶନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଶେଷରେ ଆଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାମ୍ର ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୬/୧୧ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶଙ୍କ ସଂଯୋଜନାରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ନବଭାରତର ସମ୍ପାଦକ, ସ୍ୱାଧୀନତା ସଂଗ୍ରାମୀ, ସୁଲେଖକ, ସମାଲୋଚକ, ବାଗ୍ମୀ, ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୬ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସ୍ୱର୍ଗତ ଦାସଙ୍କ ଆତ୍ମୀୟ ପୁର୍ଣ୍ଣେନ୍ଦୁ କୁମାର ଦାସ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ସୁଜାତା ଜେନା, କବି ଲକ୍ଷ୍ମୀଧର ଦାସ, ଅଶ୍ୱିନୀ ପଟ୍ଟନାୟକ ଓ ବିଭିନ୍ନ ସଂଗଠନର କର୍ମକର୍ତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଉଚ୍ଚଶିକ୍ଷା ପରେ, କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିବା ସମୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆହ୍ୱାନରେ ବିଶ୍ୱବିଦ୍ୟାଳୟ ଚାକିରୀ ପରିତ୍ୟାଗ କରି ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ। ଜଣେ ସାହିତ୍ୟିକ ଭାବରେ ବହୁ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟିକରି ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ସହ ସ୍ୱତନ୍ତ୍ର ଭାଷା ଭିତିକ ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଅବଦାନ ଅତୁଳନୀୟ। ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେରେ ବାଚସ୍ପତି ପଦ ମର୍ଯ୍ୟାଦାର ଗାରିମା ରକ୍ଷା ପାଇଁ ତାଙ୍କର ଉଦ୍ୟମ ନିମନ୍ତେ ସେ ଚିରସ୍ମରଣୀୟ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଧ୍ୱନି ପ୍ରତିଧ୍ୱନି



# ଖାଳମୁହାଣୀ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶୋଚନୀୟ

ଲଙ୍ଗଳେଶ୍ୱର,୧୭/୯(ନିପ୍ର)ରାଜ୍ୟ ଠାରୁ କେନ୍ଦ୍ର ସରକାର ଗାଁ ରାସ୍ତା ପକ୍କା କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଏବେବି ବହୁତ ଗାଁକୁ ରାସ୍ତା ପକ୍କା ହୋଇନପାରି ଶୋଚନୀୟ ହୋଇପଡିଛି । ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତ ଖାଳମୁହାଣୀ ଗାଁ କୁ ବି.ବି. ରୋଡ ଠାରୁ ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି ।ଦୀର୍ଘ ଦିନ ଧରି ରାସ୍ତାଟିର ମରାମତି ହୋଇନଥିବାରୁ ଏବେ ବର୍ଷା ଦିନରେ ରାସ୍ତା ଉପରେ ବର୍ଷା ପାଣି ଜମିରହିଛି ।ଖାଳମୁହାଣୀ ଗାଁ ରାସ୍ତା ଅଣ ଓସାର ସାଙ୍ଗକୁ ରାସ୍ତା ଫାଟି ଆଁ ହୋଇଛି । ରାସ୍ତା ସାରା ଖାଲ ଖମାରେ ପରିପୂର୍ଣ୍ଣ ହୋଇଥିବାବେଳେ ରାସ୍ତା ଉପରକୁ ଗେଟି ବାହାରି ପଡିଛି । ଖାଳମୁହାଣୀ ଗାଁ ରାସ୍ତା ଏତେ ଶୋଚନୀୟ ହୋଇପଡିଛି ଯେ,ଗ୍ରାମବାସୀ ତଥା ସ୍କୁଲ ଛାତ୍ରଛାତ୍ରୀ , ବୃଦ୍ଧ ବୟସ୍କ ଲୋକ ଯିବା ଆସିବାରେ ନାହିଁ



ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି ।ତେବେ ଦୀର୍ଘ ଦିନଧରି ଶୋଚନୀୟ ହୋଇପଡିଥିବା ଖାଳମୁହାଣୀ ଗାଁ ରାସ୍ତା ପକ୍କା କରିବା ପାଇଁ ଗ୍ରାମବାସୀ ପ୍ରଶାସନ ଠାରେ ଦାବୀ କରିଛନ୍ତି ।

## ଆଙ୍କ ପୋଖରୀ ଛକ ନିକଟରେ କାର ଓ ବାଇକ ମୁହାଁମୁହିଁ ଧକ୍କା: ୨ ଆହତ

ବସ୍ତା, ୬/୧୧ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ଆଙ୍କୋ ଛକ ନିକଟରେ କାର ଓ ମୋଟରସାଇକେଲ ମୁହାଁ ମୁହିଁ ଧକ୍କା। ଦୁଇ ଜଣ ଗୁରୁତର। ସୂଚନାରୁ ପ୍ରକାଶ ଆଜି ସକାଳେ ପାଇକପଡା ର ଦୁଇ ଶିକ୍ଷକ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆସୁଥିବା ବେଳେ ଆଙ୍କୋ ପଟୁ ଆସୁଥିବା କାର ସହ ମୁହାଁ ମୁହିଁ ଧକ୍କା ହେଇଥିଲା। ଫଳରେ କାର ର ଆଗ ବମ୍ପର୍ ଟି ଭାଙ୍ଗି ଯିବା ବେଳେ ଦୁଇଜଣ ଶିକ୍ଷକ ଗୁରୁତର ଆହତ ହେଇଥିଲେ। ସ୍ଥାନୀୟ ଅଞ୍ଚଳ ବା ଦୁଇଜଣ ଶିକ୍ଷକ ଙ୍କୁ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ତାଙ୍କର ଚିକିତ୍ସା କରାଇଥିଲେ ।

## ସଂଯୋକ୍ତ କୃଷକ ମୋର୍ଚ୍ଚା ଉପରୁ ମାମଲା ହେଉ ପ୍ରତ୍ୟାହାର

ଜଳେଶ୍ୱର ୬/୧୧ : ଗଣତନ୍ତ୍ର, ସମ୍ବିଧାନ ଓ ସାମ୍ବାଦିକଙ୍କ ମାନଙ୍କ ଉପରେ ଆକ୍ରମଣ ବିରୋଧରେ ଜଳେଶ୍ୱର ଷ୍ଟେସନ ଛକରେ ସଂଯୋକ୍ତ କୃଷକ ମୋର୍ଚ୍ଚା ଡକାରାରେ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି । ଗତ ଅକ୍ଟୋବର ୩ରେ ନ୍ୟୁଜ କ୍ଲିପର ସାମ୍ବାଦିକ ପ୍ରବିର କାୟସ, ଅମିତ ଚକ୍ରବର୍ତ୍ତୀ ଓ ଅନ୍ୟ କେତେକଙ୍କୁ ଗିରଫ କରିବା ସହିତ ସଂଯୋକ୍ତର ମୋର୍ଚ୍ଚାର ନେତାମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ୨୦୧୪ ବିଜେପି ସରକାର ଗଣତନ୍ତ୍ର, ସମ୍ବିଧାନ ଓ ୪ର୍ଥ ସ୍ତମ୍ଭ ସାମ୍ବାଦିକଙ୍କୁ ଆକ୍ରମଣ କରି ଅଘୋସିତ ଜରୁରୀ ପରିସ୍ଥିତି ଜାରି କରି ଆସୁଛି । ଏହି ଅଘୋସିତ ଏକଛତ୍ରବାଦି ନିତି ପ୍ରତିବାଦରେ ସ୍ୱର ଉଠାଇବାପାଇଁ ମୋର୍ଚ୍ଚା ପକ୍ଷରୁ ଆହ୍ବାନ ଦିଆଯାଇଛି । ତେଣୁ ତୁରନ୍ତ ସଂଯୋକ୍ତ ମୋର୍ଚ୍ଚାର ନେତା ମାନଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବା, ଅପପ୍ରଚାର ବନ୍ଦ ହେବା, ସାମ୍ବାଦିକ ମାନଙ୍କୁ ଜେଲରୁ ଖୋଲାସ ଲାଗି ବକ୍ତମାନେ ଆହ୍ୱାନ ଦେଇଛନ୍ତି । ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଶିଶିର ହୁଇ, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଦିଲ୍ଲିପ ପରିଡା, ଜୀବନ ପରିଡା, ରବିନ୍ଦ୍ର ବାରିକ, ଗଣେଶ ପାତ୍ର, ପ୍ରକାଶ ଦେ, ରାଜୀପଲୋଚନ ପଣ୍ଡା, ସବିତା ଭୂୟାଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ (ହବ୍)ନିର୍ମାଣ ବିରୋଧ ଜୋର୍ ଧରିଲା : ଜଳେଶ୍ୱରରେ ଧାରଣା

ଜଳେଶ୍ୱର, ୬/୧୧ (ନି.ପ୍ର): ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ବ୍ୟୟରେ ପ୍ରତ୍ୟେକ ଜିଲାରେ ଏକ ଜୁଡିସିଆଲ ହବ୍ ନିର୍ମାଣ ଲାଗି ପ୍ରୟାସ ଆରମ୍ଭ ହୋଇଛି । ବାଲେଶ୍ୱର ଜିଲାର ଜୁଡିସିଆଲ ହବ୍ କଚେରୀ ପରିବର୍ତ୍ତେ ଅନ୍ୟତ୍ର ନିର୍ମାଣ ପ୍ରସ୍ତାବକୁ ବିରୋଧ କରାଯାଇଛି । ସମାଜସେବୀ ତଥା ପୂର୍ବତନ ନୂଆଗାଁ ସରପଂଚ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଆଜି ସୋମବାର ବହୁ ବ୍ୟକ୍ତି ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ବାଲେଶ୍ୱର କଚେରୀ ମଧ୍ୟରେ ଏହି ହବ୍ ନିର୍ମାଣ ନ ହେଲେ ଆସନ୍ତା ଦିନରେ ଜିଲ୍ଲାବ୍ୟାପି ଆନ୍ଦୋଳନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି । ବାଲେଶ୍ୱର କଚେରୀ ମଧ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସରକାରୀ ଜମି ଥିବା ବେଳେ ସେଠାରେ ହବ ନିର୍ମାଣ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ଲୋକଙ୍କ ସୁବିଧା ଦୃଷ୍ଟିରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କଚୋରୀ ମଧ୍ୟରେ ଥିବାରୁ ହବ୍ ନିର୍ମାଣ ସେହିଠାରେ କରାଯିବାକୁ ଦାବି କରାଯାଇଛି । ଆଜି ସେମାନେ ଜଳେଶ୍ୱର ବିଡିଓ, ମ୍ୟୁନିସିପାଲଟି ଏକ୍‌କ୍ୟୁଟିଭ୍ ଅଫିସର ଓ ତହସିଲଦାରଙ୍କୁ ମଧ୍ୟ ଅନୁରୂପ ଦାବିପତ୍ର ପ୍ରଦାନ କରିବା ସହିତ ବାଲେଶ୍ୱର ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିବା କହିଛନ୍ତି ।

# ନୂତନ ମତଦାତାଙ୍କୁ ସଚେତନ କରିବା ଲାଗି ଗଡ଼ିଲା ସଚେତନତା ରଥ



ବାଲେଶ୍ୱର, ୬/୧୧ (ନି.ପ୍ର): ଅଠର ବର୍ଷର କିଶୋର କିଶୋରୀ ମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ଓ ଭୋଟ ପରିଚୟପତ୍ରରେ ଥିବା ତ୍ରୁଟିଗୁଡିକୁ ସଂଶୋଧନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ରଥ ବାଲେଶ୍ୱର ସହର ଓ ଆଖପାଖ ପଞ୍ଚାୟତରେ ଗଡ଼ିବା ଆରମ୍ଭ କରିଛି । ବାଲେଶ୍ୱର କଲେକ୍ଟୋରେଟ୍ ଠାରେ ସକାଳ ଘ. ୧୦ ଟା ସମୟରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରଥକୁ ପତାକା ଦେଖାଇ ଗଡିବାକୁ ଅନୁମତି ଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ କୁନାଲ ମୋତିରାମ ଚହ୍ୱାନ, ଡେପୁଟି କଲେକଟର (ନିର୍ବାଚନ) ସୁଶ୍ରୀ ଗାୟତ୍ରୀ ସୋରେନ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ନୀଳଗିରି ମହାବିଦ୍ୟାଳୟରେ ଇତିହାସ ବିଭାଗ ଅଧ୍ୟାପକଙ୍କ ନିଯୁକ୍ତିକୁ ବେଆଇନ୍ ଦର୍ଶାଇ ଉପଜିଲ୍ଲାପାଳଙ୍କୁ ଭେଟିଲେ ଛାତ୍ରଛାତ୍ରୀ

ନୀଳଗିରି , ୬/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ମହାବିଦ୍ୟାଳୟ ହେଉଛି ଜିଲ୍ଲାର ଅନ୍ୟ ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର। ଯେଉଁଠି ହଜାର ହଜାର ପିଲା ପାଠ ପଢ଼ି ବିଭିନ୍ନ କ୍ଷେତ୍ରରେ ସୁନାମ ଆଣିଛନ୍ତି। ବର୍ତ୍ତମାନ ଉକ୍ତ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ମରୁଡି ପଡ଼ିଛି। ଯାହା ଫଳରେ ପାଠପଢ଼ାରେ ଘୋର ଅସୁବିଧା ଦେଖାଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଇତିହାସ ବିଭାଗରେ କୌଣସି ଅଧ୍ୟାପକ ଅଧ୍ୟାପିକା ନଥିବା ବେଳେ ଜଣେ ଅଯୋଗ୍ୟ ଅଜଣା ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ କାମ ଚଲାଯାଉ ଥିବାର ଅଭିଯୋଗ କରି ଛାତ୍ରଛାତ୍ରୀ ମାନେ ପୂର୍ବରୁ କଲେଜ ଅଧକ୍ଷାଙ୍କୁ ଭେଟି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନା ମୁତାବକ ନୀଳଗିରି କଲେଜରେ ବହୁଦିନ ଧରି ଇତିହାସ ବିଭାଗରେ ଅଧ୍ୟାପକ କିମ୍ବା ଅଧ୍ୟାପିକା



ପଦବୀ ଖାଲି ପଡ଼ିଥିବା ବେଳେ କୌଣସି ବିଜ୍ଞାପନ ନଥାଇ ଜଗଦେବ ଖିଲାର ନାମକ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ ଅଧ୍ୟାପନା କାର୍ଯ୍ୟରେ ଲଗାଯାଇଥିଲା। ଯିଏକି ଜଣେ ଅଯୋଗ୍ୟ ବ୍ୟକ୍ତି ଅଟନ୍ତି। ପାଠପଢା କ୍ଷେତ୍ରରେ ଅବଧାରଣା ନଥିବା ଦର୍ଶାଇ କଲେଜର କିଛି ଛାତ୍ର ଓ ଛାତ୍ରୀ କଲେଜ ଅଧକ୍ଷାଙ୍କ ଠାରେ ଅଭିଯୋଗପତ୍ର ଦେଇଥିଲେ। ସୋମବାର ଏନେଇ କଲେଜର କିଛି ଛାତ୍ରଛାତ୍ରୀ ନୀଳଗିରି ଉପଜିଲ୍ଲାପାଳଙ୍କୁ ଭେଟି ଏଭଳି ଅଯୋଗ୍ୟ ଶିକ୍ଷକଙ୍କୁ ତୁରନ୍ତ କାର୍ଯ୍ୟରୁ ଅନ୍ତର କରିବାକୁ ଦାବୀ କରିଥିଲେ। ଉପଜିଲ୍ଲପାଳ ତାଙ୍କ ପାଖରେ ଏବାବଦରେ ସୂଚନା ନଥିବା ଦର୍ଶାଇ କଲେଜର ଅଧକ୍ଷାଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ। ତେବେ ଅଧକ୍ଷା ଶ୍ରୀମତୀ ଉର୍ବଶୀରାଣୀ ଜେନାଙ୍କୁ ଯୋଗାଯୋଗ କରିବାରୁ ଇତିହାସ ବିଭାଗରେ କୌଣସି ଅଧ୍ୟାପକ ନଥିବାରୁ ମୌଖିକ ଭାବେ ଶ୍ରୀଯୁକ୍ତ ଖିଲାରଙ୍କୁ ନିଯୁକ୍ତି ଦିଆଯାଇଥିବା ସୂଚନା ଦେଇଥିଲେ। ମାତ୍ର ତାଙ୍କୁ ପରିଚାଳନା କମିଟି କିମ୍ବା ସରକାରୀ ସ୍ତରରେ ନିଯୁକ୍ତି ଦିଆଯାଇନଥିବା ସଫେଇ ଦେଇଥିଲେ। ଆଜିଠାରୁ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ଅଧକ୍ଷା ଶ୍ରୀମତୀ ଜେନା ସୂଚନା ଦେଇଛନ୍ତି।

# ରାଜପଥରେ ବାଇକ ଓ ଟଙ୍କା ଛଡାଇନେବା ଅଭିଯୋଗ: ଦୁଇ ଗିରଫ, ୨ ଫେରାର

ବସ୍ତା,୬।୧୧(ନିପ୍ର): ଷାଠିଏ ନଂ ଜାତୀୟ ରାଜପଥ ରେ ରାହାଯାନି ଅଭିଯୋଗ ରେ ପୁଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଦୁଇ ଜଣ ଫେରାର ଅଛନ୍ତି। ସୂଚନାରୁ ପ୍ରକାଶ ଯେ ପଡୋଶୀ ମୟୁରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ନୂଆଗାଁ ର ଅନିଲ କୁମାର ରଣା ଏକ ହିରୋ ଗ୍ଲେମୋର ଏଫ ଆଇ ମୋଟର ସାଇକେଲରେ ଅକ୍ଟୋବର ମାସ ୧୪ ତାରିଖ ରାତି ପ୍ରାୟ ୯ଟା ୨୦ ମିନିଟ ରେ ଘରକୁ ଫେରୁ ଥିବା ବେଳେ ଜାତୀୟ ରାଜପଥ ର କ୍ରିଷ୍ଣା ହୋଟେଲ ନିକଟରେ ୪ ଜଣ ଦୁର୍ବୃର୍ତ୍ତ ତାଙ୍କୁ ଅଟକାଇ ଥିଲେ। ତାଙ୍କ ଠାରୁ ମୋଟର ସାଇକେଲ ଓ ୫ହଜାର ଟଙ୍କା ଛଡ଼ାଇ ନେଇ ପଳାଇଥିଲେ। ଏ ସମ୍ପର୍କରେ ସେ ହଳଦୀପଦା ଫାଣ୍ଡି ରେ ଏତାଲା ଦେଇଥିଲେ।ଫାଣ୍ଡି ଅଧିକାରୀ ଅରବିନ୍ଦ ପାଣିଗ୍ରାହୀ ଘଟଣାର ତଦନ୍ତ କରି ଆଜି ଦୁଇ ଜଣଙ୍କୁ ଗିରଫ କରିଛନ୍ତି ଓ ମୋଟର ସାଇକେଲ ଉଦ୍ଧାର ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବାଲେଶ୍ୱର ସଦର ଥାନା ପୋଖରାବାଡ଼ ର କାର୍ତ୍ତିକ ମାଝୀ ଓ ବାଲିପାଳ ର ମକୁରା ଓରଫ ଗୌରୀ ଶଙ୍କର ଜେନା।ଅନ୍ୟ ଦୁଇଜଣ ଫେରାର ଥିବା ଜଣାପଡିଛି।

# ଖାଦ୍ୟ ସୁରକ୍ଷା ଯୋଜନାରୁ ବଂଚିତ ଦୁବାଇଙ୍କ ପରିବାର



ଉଦଳା, ୬/୧୧ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ବନ୍ଧମାଳ ଗ୍ରାମର ଦୃଶ୍ୟ। ଏହିଗ୍ରାମର ବାସିନ୍ଦା ୪ ଈଶ୍ୱର ହାଁସଦାଙ୍କ ପୁତ୍ର ଦୁବାଇ ହାଁସଦାଙ୍କ ପରିବାର ଏପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରି ନାହାଁନ୍ତି । ଦୁବାଇଙ୍କ ସହଧର୍ମିଣୀ ମାନକ ଓ ତାଙ୍କର ୩ଟି ସନ୍ତାନଙ୍କୁ ମିଶାଇ ମୋଟ ୫ ଜଣ ପରିବାରର ସଦସ୍ୟ ଅଟନ୍ତି । ଦିନ ମଜୁରିଆ ଭାବରେ କାମ କରି ଦୁବାଇ ଓ ମାନକ ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ତେବେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ମୁଣ୍ଡପିଛା ୫ କିଗ୍ରା ଟଙ୍କାକିଆ ଚାଉଳ ଏହି ପରିବାର ପାଇବାରୁ ବଂଚିତ ଅଛନ୍ତି। ରାସନକାର୍ଡ଼ ଟିଏ ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ଦୁବାଇ ଜଣାଇଛନ୍ତି। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବାଲେଶ୍ୱର ଉତ୍କଳ କରାଟେ ପିଲାଙ୍କ ଦବ୍‌ଦବା

ବାଲେଶ୍ୱର, ୬/୧୧ (ନି.ପ୍ର): ପୂର୍ବ ବର୍ଷ ପରି ଚଳିତ ବର୍ଷ ୩୫ତମ ଓଡ଼ିଶା ରାଜ୍ୟ ସବ୍‌ଜୁନିଅର୍ କରାଟେ ଚାମ୍ପିଅନ୍‌ସିପ୍-୨୦୨୩ ଭୁବନେଶ୍ୱରରେ ଖେଳାଯାଇଅଛି। ସେଥିରେ ବିଭିନ୍ନ ଜିଲ୍ଲାର କୋମଳମତୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ବାଲେଶ୍ୱର ଉତ୍କଳ କରାଟେ ସ୍କୁଲ୍‌ର ପିଲାମାନେ ସୁନ୍ଦର ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲାର ଶ୍ରୀ'କୁ ବଢ଼ାଇଛନ୍ତି। ଅନାଦି ଭଞ୍ଜ, ଆଶିଷ ପଣ୍ଡା, ଅଭ୍ୟୁକ୍ତ ମିଶ୍ର, ନକ୍ସ ପୋଦ୍ଦାର, ଓରଜା ସାମନ୍ତ, ପୟୋଧି ଦିବ୍ୟଦର୍ଶିନୀ, ସାଇକିରଣ ଆଚାର୍ଯ୍ୟ ଗୋଲ୍ଡ ମେଡାଲ୍ ହାସଲ କରି ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିବାବେଳେ



ଆର୍ଯ୍ୟବୀର ନାୟକ, ଖୁସାଳ ପୋଦ୍ଦାର, ନିଶାନ ସିଂହ, ଶୁଭ୍ରାଂଶୁ ସ୍ୱରାଜ ଲେଙ୍କା ସିଲ୍‌ଭର ମେଡାଲ୍ ସହିତ ଆଲିନା ସ୍ମୃତି ରାଉତ, ଦିବ୍ୟାଂଶି ଘଡ଼ି ଓ ଜ୍ୟୋତିର୍ମୟୀ ରାଣା ବ୍ରୋଞ୍ଜ୍ ମେଡାଲ୍ ପାଇ ଜିଲ୍ଲା ଓ ରାଜ୍ୟର ସମ୍ମାନକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଓଡ଼ିଶାରେ ଆୟୋଜିତ ହୋଇଥିବା ତୃତୀୟ ପୂର୍ବ ଭାରତ କରାଟେ ଚମ୍ପିଅନ୍‌ସିପ୍ ୨୦୨୩ରେ ତ୍ରିଲୋଚନ ରାଣା, ଭୂମିକା ସିଂହ ଗୋଲ୍ଡ ମେଡାଲ୍ ପାଇଥିବା ବେଳେ ରୋହନ୍ ସାହୁ ସିଲ୍‌ଭର୍ ମେଡାଲ୍ ହାସଲ କରିଛନ୍ତି। ଏଥିପାଇଁ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଜେନା ପିଲାମାନଙ୍କୁ ବହୁତ ଉତ୍ସାହିତ କରିବା ସହ ସ୍କୁଲ୍‌ର ମୁଖ୍ୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦେବେନ୍ଦ୍ର ରାଣାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ପୁରୀ ଶ୍ରୀମନ୍ଦିରରେ ଚାରିଦ୍ୱାର ଖୋଲିବାକୁ ଦାବି: ସବୁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପଜାଳି ପ୍ରତିବାଦ କରିବ କଂଗ୍ରେସ

ବାରିପଦା , ୬/୧୧ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୟୁରଭଞ୍ଜ ଜିଲ୍ଲା ସଭାପତି ହେମନ୍ତ ଦାସଙ୍କ ସଭାପତିତ୍ୱରେ ବାରିପଦା ଠାରେ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି. ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ମିଶ୍ର ଯୋଗ ଦେଇ ମହାପ୍ରଭୁ ଜଗନ୍ନାଥ ତଥା ଓଡ଼ିଆ ଜାତିର ତ୍ରାଣକର୍ତ୍ତାଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ମନ୍ଦିରର ଚାରି ଦ୍ୱାର ଭକ୍ତଙ୍କ ପାଇଁ ଖୋଲା ଯିବା ଦାବିରେ ଆଗାମୀ ୯ ତାରିଖ ସଖାଳ ୯ ଘଟିକା ରୁ ୧୨ ଘଟିକା ପର୍ଯ୍ୟନ୍ତ ଜିଲ୍ଲାରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପ ଜାଳି ସଂକୀର୍ତ୍ତନ ମାଧ୍ୟମରେ ଦାବି କରାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି କହିଛନ୍ତି। ଯେଉଁ ବ୍ଲକରେ ମହାପ୍ରଭୁଙ୍କ ମନ୍ଦିର ନାହିଁ ସେଠାରେ ବ୍ୟାନରରେ ମହାପ୍ରଭୁଙ୍କ ଫୋଟୋଚିତ୍ର ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇ ଅଛି। ଏହା ଛଡା ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ସମସ୍ତ ବ୍ଲକ ଓ ଟାଉନ ସଭାପତି ମାନଙ୍କୁ ବୁଥ କମିଟି ଗଠନ କରି ୧୦ ତାରିଖ ମଧ୍ୟରେ ଜିଲ୍ଲା କଂଗ୍ରେସକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟ କଂଗ୍ରେସ ଉପସଭାପତି ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଗୌରୀ ନାୟକ, ଜିଲ୍ଲା ପ୍ରବକ୍ତା ଯୋଗେଶ ଅଗ୍ରୱାଲ, ଉପସଭାପତି ଅରବିନ୍ଦ ଦାସ, ଜିଲ୍ଲା ମହିଳା ସଭାପତି ସୁସ୍ମିତା ଘୋଷାଲ, ବାରିପଦା ନିର୍ବାଚନ ମଣ୍ଡଳୀ ଏଲଡିଏମ ସଂଯୋଜକ ଶିବାନନ୍ଦ ଦାସ, ପିସିସି ସଭ୍ୟ ରାକେଶ ସିଂ, କ୍ଷୀରୋଦ ପାତ୍ର, ଓବିସି ସେଲ ଅଧକ୍ଷ ଦିଲ୍ଲିପ ନାୟକ, ହେଲେନା ବାଗେ, ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର, ଯୁବ ଉପସଭାପତି ବିକାଶ ମହାଭୋଇ ପ୍ରମୁଖ ସମେତ ସମସ୍ତ ବ୍ଲକ ସଭାପତି ଓ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଭୁଷୁଡିଲା ଅର୍ଦ୍ଧନିର୍ମିତ ପ୍ରଧାନମନ୍ତ୍ରୀ ଆବାସ: ଅଳ୍ପକେ ବର୍ତିଲେ ଦୁଇ ନାବାଳିକା ଶିଶୁକନ୍ୟା

ନୀଳଗିରି , ୬/୧୧ (ନି.ପ୍ର): ଅର୍ଦ୍ଧନିର୍ମିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଘର ଭୁସୁଡ଼ିଲା। ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି ଦୁଇ ନାବାଳିକା ଶିଶୁକନ୍ୟା । ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମାନଙ୍କରେ ବାସ କରୁଥିବା ଭୂମିହୀନ ଓ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଥିବା ଲୋକଙ୍କୁ ପକ୍କାଘର ଯୋଗାଇ ଦେଇଆସୁଛନ୍ତି। ମାତ୍ର ଅର୍ଥ ଅଭାବରୁ ଏହି ଗରିବ ଲୋକମାନେ ଠିକାଦାର ମାଧ୍ୟମରେ ଘର ନିର୍ମାଣ କରୁଛନ୍ତି। ବେଳେବେଳେ ଏହି ଠିକାଦାର ମାନେ ଅତ୍ୟଧିକ ଲୋଭର ବଶବର୍ତ୍ତୀ ହୋଇ ନିମ୍ନ ମାନର କାମ କରିବା ଫଳରେ ହିତାଧିକାରୀ ମାନଙ୍କର ଘୋର କ୍ଷତି ଘଟୁଛି। ଏଭଳି ସଙ୍ଗୀନ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତରେ। ସୂଚନା ଅନୁଯାୟୀ ୨୦୨୧/୨୨ମର୍ସି ହାରେ ସଜନାଗଡ ପଞ୍ଚାୟତ ୧ନଂ ଓ୍ୱାର୍ଡ ପାଣବନ୍ଧ ଗ୍ରାମର ସାକର ଟୁଡୁ ନାମ୍ନି ବିଧବା ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଥିଲା। ମାତ୍ର ଗରିବ ମହିଳା ଜଣକୁ ଉକ୍ତ ପଞ୍ଚାୟତର ଠିକାଦାର ଶୁକୁରା ବେହେରା ନିଜ ଜାଲରେ ଫସାଇ ଅଳ୍ପଦିନ ମଧ୍ୟରେ ସୁନ୍ଦର ଘର କରିଦେବାର ଲୋଭ ଦେଖାଇ ଆବାସ ଘରଟିକୁ ହାତେଇ ନେଇଥିଲା। ହାତରେ ଦୁଇ ପଇସା ନଥିବାରୁ ତା ପକ୍ଷେ ଘରକରିବା ଅସମ୍ଭବ ଜାଣି ଠିକାଦାର କଥାରେ ରାଜି ହୋଇଯାଇଥିଲା। ସରକାରଙ୍କ ତରଫରୁ ପ୍ରାଥମିକ ଭାବେ ୪୦ହଜାର ଟଙ୍କା ହିତାଧିକାରୀ ସାକର ଟୁଡୁଙ୍କ ଖାତାରେ ଜମାକରିଥିଲେ। ସମ୍ପୂର୍ଣ୍ଣ ଅର୍ଥକୁ ଠିକାଦାର ନେଇଯାଇଥିଲେ। ଏହାର ସୁଯୋଗ ନେଇ ଠିକାଦାର ଜଣକ ଅତିନିମ୍ନ ମାନର କାମକରିଥିଲେ। ଘରକାମ ୬ଫୁଟ ମଧ୍ୟରେ ହୋଇଥିବା ବେଳେ ହଠାତ୍ ପୂର୍ବପାଖ ଇଟାକାନ୍ଥ ଭୁଷୁଡି ପଡିଥିଲା। ଖାଇସାରି ଉକ୍ତ ଘରେ ଶୋଇଥିବା



ସାକର ଙ୍କ ଦୁଇନାତୁଣୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଉକ୍ତ ଘଟଣାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୀତାଞ୍ଜଳି ଆଚାର୍ଯ୍ୟ ଅବଗତ ନଥିବା ଦର୍ଶାଇ ଥିବା ବେଳେ ଏବାବଦରେ କୌଣସି ବିଲ୍ ହୋଇନଥିବା ସୂଚନା ଦେଇଛନ୍ତି। ତେବେ ସରକାର ଗରିବ ଲୋକମାନଙ୍କୁ ପକ୍କାଘର ଯୋଗାଇଦେବା ଶୁଭଙ୍କର। ମାତ୍ର ଅଭାବୀ ହିତାଧିକାରୀ ନିଜେ ନକରିପାରି ଠିକାଦାରଙ୍କୁ କାମକରିବାକୁ ଦେଇ ଏଭଳି ଠକାମୀର ଶିକାର ହେବା ନିନ୍ଦନୀୟ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo